## ସଂକ୍ଷେପରେ

### ୪ ବଖରା ଜଳିଗଲା

ବନ୍ତ, ୧୬।୩ (ଡି.ଏନ.ଏ./ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ଟିଲୋ ପଞ୍ଚାୟତ ଦେବତାଗଡିଆ ଧୋବାତିଳିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ନିକଟ ଦେଇ ଯାଇଥିବା ବିଦ୍ୟୁତ୍ ତାର ପବନରେ ସ୍ପାର୍କିଂ ହୋଇ ଗ୍ରାମର ଆଦିକନ୍ଦ ଜେନାଙ୍କ ଘର ଉପରେ ନିଆଁ ପଡ଼ିଥିଲା। ଏହି ନିଆଁରେ ଅଗ୍ନିକାଣ୍ଡ ଘଟି ଆଦିକନ୍ଦଙ୍କ ୨ ଓ ଶାନ୍ତିଲତା ଜେନାଙ୍କର ୨ ବଖରା ପୋଡ଼ିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାଇକ୍‌ରୁ ଖସି ମହିଳା ମୃତ

ବାସୁଦେବପୁର, ୧୬।୩ (ଡି.ଏନ.ଏ.): - ବାସୁଦେବପୁରର ମନ୍ଦାରୀ-ଚୂଡାମଣି ରାସ୍ତାର ମହାରଣାସାହି ଛକଠାରେ ଶନିବାର ଅପରାହ୍ନରେ ବାଇକ୍‌ରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ଚଣ୍ଡିଗାଁ ନିକଟସ୍ଥ କୁଡଗମ୍ଭାରୀ ଗ୍ରାମର ସନାତନ ନାୟକଙ୍କ ସ୍ତ୍ରୀ ସେବତୀଲତା(୪୮)। ସେ ବାଇକ୍‌ରେ ତାଙ୍କ ପୁଅ ସୁରେଶ ସହ ଚୂଡାମଣି କାଛିସାହି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ମହାରଣାସାହି ଛକଠାରେ ବାଇକ୍ ଏକ ଟ୍ରକକୁ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ସେବତୀ ଖସିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେବତୀ ବାଇକ୍‌ରୁ ତଳକୁ ଖସିପଡ଼ିଥିବା ବେଳେ ପଛପଟୁ ଆସୁଥିବା ଟ୍ରକ ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା ବୋଲି ବାଇକ୍ ଚାଳକ ସୁରେଶ ପୋଲିସ ଆଗରେ କହିଛନ୍ତି। ବାସୁଦେବପୁର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ
### ହତ୍ୟା ଅଭିଯୋଗ

ବାସୁଦେବପୁର, ୧୬।୩ (ଡି.ଏନ.ଏ.) - ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୁଆଗଡିଆ ପଞ୍ଚାୟତର ମଲିକସାହି ବସ୍ତିରେ ଜୟନ୍ତୀ ମଲିକ(୩୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ରହୁଥିବା ଘର ଭିତରୁ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ଜୟନ୍ତୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ମାନସ ମଲିକ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ପାଇଁ ତାଙ୍କ ଭଉଣୀକୁ ସ୍ୱାମୀ ଓ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୭୯/୧୯) ରୁଜୁ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମୃତ ଜୟନ୍ତୀଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ତାମିଲନାଡୁରେ ଜଣେ ମତ୍ସ୍ୟଜୀବୀ ଭାବେ କାର୍ଯ୍ୟ କରନ୍ତି। ସେ ଗତ କିଛିମାସ ଧରି ତାମିଲନାଡୁରେ ରହୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ପାରିବାରିକ କଳହକୁ କେନ୍ଦ୍ରକରି ଜୟନ୍ତୀ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ସେ ଦିଗରେ ଅଧିକ ତଦନ୍ତ କରାଯାଉଛି ବୋଲି ଆଇଆଇସି ଉମାଶଙ୍କର ନାୟକ କହିଛନ୍ତି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### 'ବୈଷ୍ଣବ ଚେତନା ଓଡ଼ିଆ ଭାଷାକୁ କରିଛି ସମୃଦ୍ଧ'

ଭଦ୍ରକ ଅଫିସ, ୧୬।୩ - ଓଡ଼ିଆ ଭାଷା ଓ ସାହିତ୍ୟ ବୈଷ୍ଣବ ଚେତନାରେ ପ୍ରଭାବିତ ହେବା ସହ ଏହି ଚେତନା ଓଡ଼ିଆ ଭାଷାକୁ ସମୃଦ୍ଧ କରିଛି ବୋଲି ଭଦ୍ରକ ସହର କଲ୍ୟାଣନଗରଠାରେ ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଂକ୍ରାନ୍ତି ଆସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଷଦର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରକୁ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରାଧାପିକା ଝରଣା ପଟ୍ଟନାୟକ ମୁଖ୍ୟଅତିଥି, ଡ. ନାରାୟଣ ସେନାପତି ମୁଖ୍ୟବକ୍ତା ଓ ଅଧାପକ ନୀହାର ରଞ୍ଜନ କର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। 'ଆମ ସାହିତ୍ୟରେ ବୈଷ୍ଣବ ଚେତନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଅଟଳ ବିହାରୀ ନାୟକ, ପ୍ରାଧାପିକା ଭାନୁମତୀ ମାଟିଆ, ଡ. ଅବନୀ କୁମାର ପ୍ରଧାନ, ନାଟ୍ୟଶ୍ରୀ ନିର୍ମଳ ରାଉତ, ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ ଓ ରମାକାନ୍ତ ପଣ୍ଡା ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କବୟିତ୍ରୀ ବସନ୍ତ ମିଶ୍ରଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ହୋଇଥିଲା। ପରିଷଦର ସମ୍ପାଦକ ଡ. ଅନୀଲ କୁମାର ଦାଶ ସମ୍ପାଦକୀୟ ବକ୍ତବ୍ୟ ଓ ପ୍ରକୃତିବନ୍ଧୁ ବୈକୁଣ୍ଠନାଥ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ମମତାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହଡ଼ପ ହେଉଛି ପିଡିଏସ୍ ଚାଉଳ

- ତଦନ୍ତ ଆଳରେ ଦିନ ଗଡ଼ାଇ ଚାଲିଛନ୍ତି ଯୋଗାଣ, ପ୍ରଶାସନିକ ଅଧିକାରୀ
- ନିଆଯାଉନି କାର୍ଯ୍ୟାନୁଷ୍ଠାନ

ଭଦ୍ରକ ଅଫିସ,୧୬।୩

ଭଦ୍ରକ ଜିଲାରେ ସାଧାରଣ ବଣ୍ଟନ (ପିଡିଏସ୍) ଚାଉଳ ହଡ଼ପ ଘଟଣା ବୃଦ୍ଧି ପାଉଛି। ଦୀର୍ଘଦିନ ଧରି ପିଡିଏସ୍ ସାମଗ୍ରୀ ହଡ଼ପ ର୍ୟାକେଟ ସକ୍ରିୟ ଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନାହିଁ। ର୍ୟାକେଟରେ ପରିବହନ ଠିକାଦାର, ରିଟେଲର, ଗୋଦାମ ପରିଚାଳକ ସମ୍ପୃକ୍ତ ରହିଥିବା ଅଭିଯୋଗ ହେଉଛି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରଶାସନ ବିଫଳ। ହଡ଼ପ ଘଟଣାରେ କେତେକ ଅସାଧୁ ସରକାରୀ କର୍ମଚାରୀ ମଧ୍ୟ ସାମିଲ ଥିବା ଅଭିଯୋଗ ହେଉଛି।

ଉଲ୍ଲେଖନୀୟ ଯେ, ଭଦ୍ରକ ଚରମ୍ପାସ୍ଥିତ ଯୋଗାଣ ବିଭାଗ ଗୋଦାମରୁ ଭଦ୍ରକ ବ୍ଲକ ପାଇଁ ଇସ୍ୟୁ ହୋଇଥିବା ୫୫ କୁଇଣ୍ଟାଲ ପିଡିଏସ୍ ଚାଉଳ ଶୁକ୍ରବାର ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବ୍ଲକର ଚିଙ୍ଗୁଡିପୁର ଛକରୁ ଜବତ ହୋଇଥିଲା। ରାତି ପ୍ରାୟ ୮ଟା ବେଳେ ଚିଙ୍ଗୁଡିପୁର ଛକରେ ସନ୍ଦେହଜନକ ଅବସ୍ଥାରେ ଏକ ରିଟେଲ ପଏଣ୍ଟରେ ଏକ ମିନିଟ୍ରକରୁ ଚାଉଳ ଅନଲୋଡ ହେଉଥିବା ବେଳେ ସ୍ଥାନୀୟ କେତେକ ଯୁବକ ଏହାକୁ ଅଟକ ରଖି ପୋଲିସ ଓ ଯୋଗାଣ ବିଭାଗକୁ ଖବର ଦେଇଥିଲେ। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ଗାଡ଼ିରେ ୫୫ କୁଇଣ୍ଟାଲ ଚାଉଳ ଥିବା ଜାଣିବାକୁ ପାଇଥିଲେ। ସାଧାରଣ ବଣ୍ଟନ ଚାଉଳ ପରିବହନ ଠିକାଦାରମାନଙ୍କ ଦ୍ୱାରା ଆତ୍ମସାତ୍ ହେଉଥିବା ଏଥିରୁ ଜଣାପଡୁଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଅଶୋକ ମାଝି କହିଛନ୍ତି, ଘଟଣାର ତଦନ୍ତ ପଦକ୍ଷେପ ନିଆଯିବ। ଏହିଭଳି ଘଟଣା ଜିଲାରେ ବାରମ୍ବାର ଘଟୁଛି। କିଛିମାସ ପୂର୍ବେ ବନ୍ତ ଚାଉଳ ଗୋଦାମରୁ ୩ ହଜାର ବସ୍ତା ନିଅଣ୍ଟ ହୋଇଥିଲା। ଚରମ୍ପା ଚାଉଳ ଗୋଦାମରୁ ୪୦୦ ବସ୍ତା ଚାଉଳ ଉଭାନ ହୋଇଯାଇଥିଲା। ବାସୁଦେବପୁର ଚାଉଳ ଗୋଦାମରୁ ୫ ଶହ କୁଇଣ୍ଟାଲ ଆବଶ୍ୟକଷ୍ଟକଠାରୁ ଅଧିକ ବାହାରିଥିଲା। ଚୁନିଦା ଓ ଧାମନଗର ନିକଟସ୍ଥ ଏକ ମିଲ୍‌ରୁ ବହୁ ପରିମାଣର ଚାଉଳ ଜବତ ହୋଇଥିଲା। ଏହି ସବୁ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପରିବହନ ଠିକାଦାର, ରିଟେଲରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହି ଘଟଣାରେ ଗୋଦାମ ଦାୟିତ୍ୱରେ ଥିବା ୪ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ହେଲେ ମୁଖ୍ୟ କାର୍ପଟ୍‌ଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପ୍ରଶାସନିକ ଅସାଧୁମେଣ୍ଟକୁ ପ୍ରମାଣିତ କରୁଛି ବୋଲି ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ତଦନ୍ତ ଆଳରେ ଦିନ ଗଡ଼ାଇ ମାଫିଆମାନଙ୍କୁ କୋର୍ଟରୁ ଆଗୁଆ ଜାମିନ ଆଣିବା ପାଇଁ ସୁଯୋଗ ଦେଉଥିବା କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ସମାଲୋଚନା କରିଛନ୍ତି।



@ ସୁସ୍ମିତା



@ ଅଶୋକ

ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ସାମୁଦ୍ରିକ ସୁରକ୍ଷା ଉପରେ ଗୁରୁତ୍ୱ

ଭଦ୍ରକ ଅଫିସ, ୧୬।୩

ଧାମରା ପୋର୍ଟ ଏବଂ ଭଦ୍ରକ ଜିଲା ମତ୍ସ୍ୟଜୀବୀ ସଂଘର ମିଳିତ ଆନୁକୂଲ୍ୟରେ ଦିନିକିଆ କର୍ମଶାଳା ଚନ୍ଦନୀପାଳ ପଞ୍ଚାୟତସ୍ଥିତ ମତ୍ସ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପୋର୍ଟ କର୍ମକର୍ତ୍ତା ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ସାମୁଦ୍ରିକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଲୋଚନା କରାଯାଇଥିଲା। ସୁରକ୍ଷିତ ଯୋଗାଯୋଗ, ମତ୍ସ୍ୟଜୀବୀଙ୍କ ସାମାଜିକ ଜୀବନ, ନୌପରିବହନ, ସାମୁଦ୍ରିକ ସ୍ୱଚ୍ଛତା ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। ପୋର୍ଟ ହାରବର ମାଷ୍ଟର କ୍ୟାପଟେନ ପ୍ରଦ୍ୟୁତ୍ ପାତ୍ର, କ୍ୟାପଟେନ ଦୀପ୍ତି ମହାନ୍ତି ଏବଂ ମତ୍ସ୍ୟଜୀବୀ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ। ମତ୍ସ୍ୟ ଅଧିକାରୀ ନଳିନୀକାନ୍ତ ଦାଶ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟରେ ମାଛ ଧରିବାକୁ ଯାଉଥିବା ବେଳେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ପରାମର୍ଶ ଦେଇଥିଲେ। ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ବାତ୍ୟା ସମୟରେ ନିଜକୁ କିପରି ଭାବେ ନିରାପଦ ରଖିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଉଥିବା ସମୟରେ ବାୟୋମେଟ୍ରିକ ପରିଚୟପତ୍ର, ଡିସ୍‌ଟ୍ରେସ ଆଲର୍ଟ ଟ୍ରାନ୍ସମିଟର, ସାମୁଦ୍ରିକ ଅଭୟାରଣ୍ୟ(କଇଁଛ ବାସସ୍ଥାନ ଚିହ୍ନଟ ଅଞ୍ଚଳ) ମଧ୍ୟକୁ ନ ଯିବା, ଧାମରା ମାଛଧରା ଅଞ୍ଚଳରେ ସୌର ଫିସ୍ ଡ୍ରାଇଂ ୟୁନିଟର ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା।

### ସ୍ୱଚ୍ଛତା ପକ୍ଷ ପାଳିତ

ତିହିଡ଼ି, ୧୬।୩ (ଡି.ଏନ.ଏ.)

ତିହିଡ଼ି ବ୍ଲକ ଦୋଳସାହିସ୍ଥିତ ଯୋଗୀରଷି ଲଚ୍ଛମନ ଦାସ ଶିଶୁ ଆଶ୍ରମ ପରିସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଶିଶୁ ସୁରକ୍ଷା ୟୁନିଟର ଅନୁଷ୍ଠାନ ଅଧିକାରୀ ବିଶ୍ୱନାରାୟଣ ପଣ୍ଡାଙ୍କ ପୌରୋହିତ୍ୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଯୋଗଦେଇ ଆଶ୍ରମର ଅନ୍ତେବାସୀ ଶିଶୁଙ୍କୁ ପରିବେଶ ପରିଚ୍ଛନ୍ନତା, ସ୍ୱଚ୍ଛତା ରହିବାର ନିୟମ ଏବଂ ସ୍ୱଚ୍ଛତା ପକ୍ଷ ପାଳନ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ୟୁନିଟର ଅଣଆନୁଷ୍ଠାନିକ ଅଧିକାରୀ ସ୍ୱାଗତିକା ବାରିକ, ହିସାବ ରକ୍ଷକ ଧୀରଜ ବାରିକ, ବାହ୍ୟକର୍ମୀ ଦମୟନ୍ତୀ ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମର ଅଧୀକ୍ଷକ ଜ୍ୟୋତିପ୍ରକାଶ ପତି, ସଭାପତି ଲୋକନାଥ ପତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୫୦ ଦିବ୍ୟାଙ୍ଗଙ୍କୁ ମିଳିଲା କୃତ୍ରିମ ଅଙ୍ଗ

ଚାନ୍ଦବାଲି, ୧୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଓ ଭଦ୍ରକ ମାରୱାଡି ଯୁବମଞ୍ଚ ସହାୟତାରେ ଶନିବାର ୫୦ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୩ ଦିନ ବ୍ୟାପି ଏକ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରତ୍ୟାରୋପଣ ଶିବିର ସ୍ଥାନୀୟ ମଧୁବାବୁ ଛକସ୍ଥିତ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ ସହିତ ସେମାନଙ୍କର ଆବଶ୍ୟକ କୃତ୍ରିମ ଅଙ୍ଗ ତିଆରି କରାଯାଇଥିଲା। କୃତ୍ରିମ ଅଙ୍ଗ ମଧ୍ୟରେ ହାତ, ଗୋଡ଼ ଓ କାଲିପର ରହିଛି। ଏହି ଅଙ୍ଗକୁ ବ୍ୟବହାର କରି ଦିବ୍ୟାଙ୍ଗମାନେ ସାଧାରଣ ଲୋକଙ୍କ ପରି ଚଳପ୍ରଚଳ କରିପାରିବେ ବୋଲି ପରିଷଦର ସଭାପତି ବ୍ରଜସୁନ୍ଦର ମହାନ୍ତି କହିଥିଲେ। ପରିଷଦର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଉଛି।

### କବି ରାମକୃଷ୍ଣଙ୍କ ପରଲୋକ



ତିହିଡ଼ି, ୧୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମର କବି ରାମକୃଷ୍ଣ ପତି(୮୫)ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ପୂର୍ବତନ ସରପଞ୍ଚ ସହ କବି ଭାବେ ସେ ପରିଚିତ ଥିଲେ। ଏହାଛଡ଼ା ତିହିଡ଼ିର ଚିନ୍ତାଚିନ୍ତନ ସାହିତ୍ୟ, ସାଂସ୍କୃତିକ ମଞ୍ଚର ସେ ସଭାପତି ଥିଲେ। ପୂର୍ବରୁ ସେ ତିହିଡ଼ିରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ଚିନ୍ତାଧାରା'ର ସମ୍ପାଦନା କାର୍ଯ୍ୟ ତୁଲାଇଥିଲେ। ରାମକୃଷ୍ଣଙ୍କ ମୃତ୍ୟୁରେ ତିହିଡ଼ି ପ୍ରେସ୍ କ୍ଲବ ଏବଂ ବିଭିନ୍ନ ସାହିତ୍ୟ ସଙ୍ଗଠନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

# ଭଦ୍ରକରେ ହାଇକୋର୍ଟ ସ୍ୱାସ୍ଥ୍ୟ ପରାମର୍ଶ କମିଟି ସଦସ୍ୟ

ଭଦ୍ରକ ଅଫିସ, ୧୬।୩

ହାଇକୋର୍ଟ ସ୍ୱାସ୍ଥ୍ୟ ପରାମର୍ଶ କମିଟିର ୨ ଜଣ ସଦସ୍ୟ ଶନିବାର ଭଦ୍ରକ ଜିଲା ଚିକିତ୍ସାଳୟରେ ପହଞ୍ଚି ବିଭିନ୍ନ ୱାର୍ଡର ସ୍ଥିତାବସ୍ଥା ବୁଲି ଦେଖିଛନ୍ତି। ଏହି ଟିମ୍ ମୁଖ୍ୟତଃ ଶିଶୁ ମୃତ୍ୟୁହାର କମାଇବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜିଲା ଚିକିତ୍ସାଳୟରେ କିଭଳି କାର୍ଯ୍ୟକାରୀ ହୋଇଛି ସେନେଇ ବୁଲି ଦେଖିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ନବଜାତ ଶିଶୁ ବିଭାଗ, ଏସ୍‌ଏନ୍‌ସିୟୁ ୱାର୍ଡ, ଟ୍ରମା ସେଣ୍ଟର, ନିରାମୟ ଔଷଧ ବିତରଣ କେନ୍ଦ୍ର ଭଳି ମେଡିକାଲର ବିଭିନ୍ନ ୱାର୍ଡ ବୁଲି ବିଭିନ୍ନ ସମସ୍ୟା, ଅଚଳ ଯନ୍ତ୍ରାଂଶ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ସେମାନେ ମେଡିକାଲ କର୍ମଚାରୀଙ୍କଠାରୁ ପଚାରି ବୁଝିଥିଲେ। ହାଇକୋର୍ଟ ସ୍ୱାସ୍ଥ୍ୟ ପରାମର୍ଶ କମିଟି ସଦସ୍ୟ ପ୍ରଭାତ ରଞ୍ଜନ ଦାସ ଓ ଦେବାଶିଷ ଚାଟାର୍ଜୀ ଏହି ଟିମ୍‌ରେ ସାମିଲ ଥିଲେ। ଜିଲା ଚିକିତ୍ସାଧିକାରୀ ବାରିଶ ଦାସ, ଡ. ଆର୍ଯ୍ୟ ମିଶ୍ର ଓ ବିପିଏମ୍ ସରିତା ମହାପାତ୍ର ପ୍ରମୁଖ ଏହି ଟିମ୍‌କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।



ହାଇକୋର୍ଟ ସ୍ୱାସ୍ଥ୍ୟ ପରାମର୍ଶ କମିଟି ସଦସ୍ୟ ସିଡିଏମ୍‌ଓଙ୍କ ସହ ୱାର୍ଡ ବୁଲି ଦେଖୁଛନ୍ତି।

# ତଦନ୍ତ ବେଳେ ଅଧିକାରୀଙ୍କୁ ଘେରିଲେ ଖାଉଟି

ପଦ୍ମପୁର, ୧୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତରେ ସାଧାରଣ ବଣ୍ଟନରେ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଛି। ଜିଲା ଯୋଗାଣ ଅଧିକାରୀ ଅଶୋକ ମାଝି ଓ ବ୍ଲକ ଯୋଗାଣ ଅଧିକାରୀ ବିଭୀଷଣ ନାୟକ ଶୁକ୍ରବାର ଖାଉଟିମାନଙ୍କ ଅଭିଯୋଗ ସଂଗ୍ରହ ସହ ତଦନ୍ତ କରିବାକୁ ରାଜଘରପୋଖରୀକୁ ଯାଇଥିବା ବେଳେ ଖାଉଟିମାନେ ସେମାନଙ୍କୁ ଘେରିଯାଇଥିଲେ। ସେମାନଙ୍କ ଖାଉଟି ସାମଗ୍ରୀ କେବେ ମିଳିବ ବୋଲି ପ୍ରଶ୍ନ କରିଥିଲେ। ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଖାଉଟିମାନେ ଅଧିକାରୀମାନଙ୍କୁ ଛାଡ଼ି ଦେଇଥିଲେ।

ଉଲ୍ଲେଖନୀୟ ଯେ, ଏହି ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାସ ମାସ ଧରି ଖାଉଟି ସାମଗ୍ରୀ ମିଳୁ ନ ଥିବା ନେଇ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଏହାକୁ ନେଇ ଯୋଗାଣ ଅଧିକାରୀ ବଣ୍ଟନ ଦାୟିତ୍ୱରେ ଥିବା ରିଟେଲରଙ୍କୁ ଅବ୍ୟାହତ ଦେଇ ଜଣେ ନୂତନ ରିଟେଲରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ନୂତନ ରିଟେଲର ଗତ ଫେବୃୟାରୀ ମାସର ସାମଗ୍ରୀ ବଣ୍ଟନ କରିଥିବା ବେଳେ ଖାଉଟିମାନେ ପାଇ ନ ଥିବା ପୂର୍ବ ମାସର ସାମଗ୍ରୀ ବିଷୟରେ ପଚାରିଥିଲେ। ପରେ ଶତାଧିକ ଖାଉଟି ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପଞ୍ଚାୟତରେ ୧୧୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଖାଉଟି କାର୍ଡ ପାଇଥିବା ବେଳେ ୧୦୫ ଜଣ ସାମଗ୍ରୀ ପାଇ ନ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଯୋଗାଣ ଅଧିକାରୀଙ୍କୁ ଘେରାଉ ବେଳେ ଖାଉଟିମାନଙ୍କ ପକ୍ଷରୁ ମିନତି ଜେନା, କନକ ଦଳାଇ, କୁନ୍ତଳା ଦଳାଇ, ସେବତୀ ବେହେରା, ଆଶା ରାଉଳ, ସେବତୀ ବେହେରା, ସାବିତ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଖ୍ୱାଜା ଗରିବ ନୱାଜଙ୍କ ବାର୍ଷିକ ସମାରୋହ

ଭଦ୍ରକ ଅଫିସ, ୧୬।୩

ଭଦ୍ରକ ପୁରୁଣାବଜାର ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରେ ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ ଛକ ସରଜମିନଠାରେ ଖ୍ୱାଜା ଗରିବ ନୱାଜଙ୍କ ୩୫ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଜାମା ମସ୍‌ଜିଦର ଏମାମ ମହମ୍ମଦ ସାଦିକ ହୋସେନଙ୍କ ଅଧ୍ୟକ୍ଷତାରେ ଧର୍ମସଭା ହୋଇଥିଲା। ଏଥିରେ ମୌଲାନା ସୈୟଦ ଅବରାର ହୋସେନ ୱାରଷି(ଉତ୍ତରାଖଣ୍ଡ), ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ସୈୟଦ ସଜର ଅଲି ମଦାରୀ(ମକନପୁର), ମୌଲାନା ଅବଦୁଲ ଜବ୍‌ବାର, ଅଲ୍ଲିମୁଦ୍ଦିନ ବେକସ(ଓଡ଼ିଶା)ରୁ ଯୋଗ ଦେଇଥିଲେ। ମୁସ୍ତାକ ଗୌହର ସଞ୍ଚାଳନା କରିଥିଲେ। କମିଟି ସଭାପତି ନସରୁ ଖାଁ, ଉପସଭାପତି ଶେଖ୍ ଅନୱର, ସମ୍ପାଦକ କଲିମୁଦ୍ଦିନ ଖାଁ, ଗୋଲାମ ମୋହିଦ୍ଦିନ, ମିନହାଜ କାଦରୀ, ଇସ୍‌ଲାମ ଖାଁ, ଶେଖ୍ ନୌଷାଦ, ମୀର କାଳିଆ, ଶେଖ୍ ସୁଲ୍ଲୋ, ଶେଖ୍ ଇଲିୟାସ, ଏମାମୁଲ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରି ନନ୍ଦୀ, ତପନ ସାହୁ, ରବି ସାହୁ, ଶେଖ୍ ସମଦାନୀ, ଅସରଫ ଅଲ୍ଲୀ, ମିର୍ଜା ଏକରାମ, ବସନ୍ତ ନାୟକ, ବାବାଜୀ ବାରିକ ଓ ଲକ୍ଷ୍ମୀଧର ପ୍ରମୁଖ ଉପସ୍ଥିତ ଥିଲେ।



ଧର୍ମସଭାରେ ଯୋଗ ଦେଇଥିବା ଅତିଥିମାନେ।

### ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟା

# 'ହକ୍ ପାଇଁ ଲଢ଼େଇ ଆବଶ୍ୟକ'

ବନ୍ତ, ୧୬।୩ (ସ୍ୱ.ପ୍ର.) – ଖଣି ଖାଦାନ, ପ୍ରାକୃତିକ ସମ୍ପଦ ଭରା ଓଡ଼ିଶା ଆଜି ଦେଶର ଗରିବ ରାଜ୍ୟ ବୋଲି ପରିଗଣିତ ହେଉଛି। ଏଥିପାଇଁ ମିଳିତ ଭାବେ ସମସ୍ତେ ଦାୟୀ। ସମାଜରେ ନିଜର ହକ୍ ପାଇଁ ସଦାସର୍ବଦା ଲଢ଼େଇ ଆବଶ୍ୟକ। ଏହି ଲଢ଼େଇର ଧାରା ବଜାୟ ରହିବା ଉଚିତ୍ ବୋଲି ଉତ୍କଳ କେଶରୀ ଆଗରପଡ଼ା ୪ର୍ଥ ବାର୍ଷିକ ମହୋତ୍ସବର ୫ମ ସନ୍ଧ୍ୟାରେ ମୁଖ୍ୟଅତିଥି ଶ୍ରମିକନେତା ମାୟାଧର ନାୟକ କହିଥିଲେ।

ସ୍ଥାନୀୟ ହେମପଦ୍ମା ଗାଲାକ୍ସି ପରିସରରେ ଅନୁଷ୍ଠିତ ମହୋତ୍ସବରେ କମିଟି ସଭାପତି ତଥା ଆଇନଜୀବୀ ମନୋଜ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ମହୋତ୍ସବ ଇତିହାସକୁ ରୋମନ୍ଥନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆଜାଦ୍ ଠେଙ୍ଗା ବାହିନୀର ମୁଖ୍ୟ କମାଣ୍ଡର ଲକ୍ଷ୍ମଣ ଦାସ, ସମାଜସେବୀ ମମତା ମହାନ୍ତି, ଉପଦେଷ୍ଟା ରଥ ବେହେରା, ଉପସଭାପତି ନୀରଜ କୁମାର ଆଇଚ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ହେମନ୍ତ ସିଂହ ମଞ୍ଚ ପରିଚାଳନା ଓ ସହସମ୍ପାଦକ ଗୋପାଳକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଗାୟିକା ଓ ଉପସ୍ଥାପିକା ସୁମତୀ ପଣ୍ଡା ଓ ଜ୍ୟୋତିଷୀଙ୍କ ଉପସ୍ଥାପନାରେ ଜାତୀୟ ରିଏଲଟି ସୋ ଚାମ୍ପିୟନ ଶୁଭ୍ରସ୍ମିତା ରାଉତ, ଭଏସ ଅଫ୍ ଓଡ଼ିଶା ଓ ଇଣ୍ଡିଆନ ଆଇଡଲର ସର୍ବେଶ୍ୱର ପଣ୍ଡା ପ୍ରମୁଖଙ୍କ ସଂଗୀତ ଦର୍ଶକଙ୍କ ମୁଗ୍ଧ କରିଥିଲା। ରଶ୍ମିତା ସାହୁ, ସାଇକ୍ରିଷ୍ଟା ସିଂହ, ପ୍ରୀତିଶ ମହାନ୍ତି, ପ୍ରାଞ୍ଜଳି ଦାସ, ସାଇକ୍ରିଷ୍ଟା ପଣ୍ଡା, ରାଜେଶ୍ୱରୀ ପତି, ଇତିଶ୍ରୀ ବେହେରା, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ମୋନାଲିସା ଦାସ, ଚିରସ୍ମିତା ସିଂହ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ।




ମହୋତ୍ସବର ୫ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଯୁବନେତୃତ୍ୱ, ଭୋଟରଙ୍କ ଉପରେ ନଜର

**ବାଲେଶ୍ୱର ଅଫିସ, ୧୬।୩**

ବାଲେଶ୍ୱର ଜିଲାରେ ସର୍ବାଧିକ ଯୁବ ଭୋଟର। ସରକାରୀ ରିପୋର୍ଟ ଅନୁସାରେ ମହିଳା, ପୁରୁଷ ଏବଂ ଅନ୍ୟାନ୍ୟ ଭୋଟରମାନଙ୍କ ଅପେକ୍ଷା ଯୁବତୀଯୁବକଙ୍କ ସଂଖ୍ୟା ଅଧିକ। ସାରାଦେଶ ବିଭିନ୍ନ କ୍ଷେତ୍ରରେ ଯୁବପିଢ଼ି ଉପରେ ନିର୍ଭର କରୁଥିବାରୁ ଏଥର ରାଜନୀତି ମଇଦାନରେ ଯୁବକମାନଙ୍କର ଭୂମିକା ନିର୍ଣ୍ଣାୟକପୂର୍ଣ୍ଣ ରହିବ।

ବାଲେଶ୍ୱର ଜିଲାରେ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ମୋଟ ଭୋଟର ସଂଖ୍ୟା ୧୭ଲକ୍ଷ ୭୮ହଜାର ୮୭୩। ସାଧାରଣ ନିର୍ବାଚନ ୨୦୧୪ ମସିହାରେ ଜିଲାର ଭୋଟର ସଂଖ୍ୟା ୧୩ଲକ୍ଷ ୪୯ହଜାର ୮୩୪ ଥିଲା। ମାତ୍ର ୫ବର୍ଷ ଭିତରେ ୪ଲକ୍ଷ ୨୯ହଜାର ୩୯ ଭୋଟର ବୃଦ୍ଧି ପାଇଛି। ୨୦୧୯ ଜାନୁୟାରୀ ୨୧ ତାରିଖ ସୁଦ୍ଧା ପଞ୍ଜୀକରଣ କରାଯାଇଥିବା ଭୋଟରଙ୍କ ମଧ୍ୟରୁ ପୁରୁଷ ଭୋଟର ୯ଲକ୍ଷ ୧୩ହଜାର ୭୪୩ ହୋଇଥିବା ବେଳେ ମହିଳା ଭୋଟର ୮ଲକ୍ଷ ୬୫ହଜାର ୨୨। ସେହିପରି ଅନ୍ୟାନ୍ୟ ୧୦୮ ଜଣ ଭୋଟର ଅଛନ୍ତି। ସେଥିମଧ୍ୟରୁ ୩୮ହଜାର ୪୫୨ ଭୋଟର ୧୮ରୁ ୧୯ ବୟସ ମଧ୍ୟରେ, ୩ଲକ୍ଷ ୯୨ହଜାର ୯୦୧ ଭୋଟର ୨୦ରୁ ୨୯ ବୟସ ମଧ୍ୟରେ, ୪ଲକ୍ଷ ୪୪ହଜାର ୨୪୧ ଭୋଟର ୩୦ରୁ ୩୯ ବୟସ ମଧ୍ୟରେ ଦେଖିବାକୁ ମିଳିଛି। ମୋଟାମୋଟି କହିବାକୁ ଗଲେ ଚଳିତ ନିର୍ବାଚନରେ ଯୁବଭୋଟ୍‌ରଙ୍କ ସଂଖ୍ୟା ଅଧିକ ଥିବା ବେଳେ ମତଦାନ ହାର ପୂର୍ବ ନିର୍ବାଚନ ଅପେକ୍ଷା ଅଧିକ ଥିବା ପ୍ରମାଣ ମିଳିଛି।

- ଜିଲାରେ ୮ ବିଧାନସଭା ନିର୍ବାଚନମଣ୍ଡଳୀ
- ମୋଟ ଭୋଟର ସଂଖ୍ୟା ୧୭ଲକ୍ଷ ୭୮ହଜାର ୮୭୩
- ପୁରୁଷ ଭୋଟର ୯ଲକ୍ଷ ୧୩ହଜାର ୭୪୩, ମହିଳା ଭୋଟର ୮ଲକ୍ଷ ୬୫ହଜାର ୨୨

ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ କହିବାନୁସାରେ ୨୦୧୯ ଜନଗଣନାରେ ଜିଲାରେ ଯୁବ ଭୋଟରମାନଙ୍କ ପଞ୍ଜୀକରଣ ଅଧିକ ଦେଖାଦେଇଛି। ୧୮ରୁ ୧୯ ବୟସ ଭୋଟରମାନେ ଅଦ୍ୟାବଧି ୩୮ହଜାର ୪୫୨ ପଞ୍ଜୀକୃତ ହୋଇ ସାରିଥିବାବେଳେ ୩୫ହଜାରରୁ ଅଧିକ ଆବେଦନକାରୀ ଜିଲାରେ ଦରଖାସ୍ତ ଦେଇଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପଞ୍ଜୀକରଣ ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୨୦୧୯ ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ଏବଂ ଯାଞ୍ଚ ଶେଷ ପରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟର ତାଲିକା ପ୍ରକାଶ ପାଇବ। ସେତେବେଳକୁ ପ୍ରାୟ ୭୦ହଜାରରୁ ଅଧିକ ୧୮ରୁ ୧୯ବର୍ଷ ବୟସର ଭୋଟରମାନେ ନୂତନ ଭାବରେ ପଞ୍ଜିକରଣ ହୋଇଥିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଜିଲାର ଯୁବତୀ ଏବଂ ଯୁବକମାନଙ୍କର ଭୋଟର ସଂଖ୍ୟା ସର୍ବାଧିକ ବୋଲି ସ୍ୱୀକାର କରିଛନ୍ତି।

ରାଜନୈତିକ ସମୀକ୍ଷକ ରଞ୍ଜନ ବାଗ କହନ୍ତି, ଜିଲାରେ ନୁହଁ ସାରା ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅଣ୍ଟା ଭିଡ଼ିଥିବାବେଳେ ଯୁବା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯୁବ ନେତୃତ୍ୱକୁ ସେଭଳି ପ୍ରାଧାନ୍ୟ ଦେଉ ଥିବା ମନେ ହେଉନାହିଁ। ପ୍ରତ୍ୟେକ ରାଜନୈତିକ ଦଳ ଯୁବନେତୃତ୍ୱକୁ ଆବଶ୍ୟକତା ରହିଛି। ୨୦୧୪ ମସିହାରେ ଭାଜପାର ରେମୁଣା ନିର୍ବାଚନମଣ୍ଡଳୀର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କେତେକ ଯୁବକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲେ। ଯୁବ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଯେଉଁ ଦଳ ଯୁବନେତୃତ୍ୱକୁ ପ୍ରାଧାନ୍ୟ ଦେବ ଚଳିତ ନିର୍ବାଚନରେ ଆଶାତୀତ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ରହିଛି।



ଏକ ପଞ୍ଚାୟତ କାର୍ଯ୍ୟାଳୟ ପାଚେରିରେ ୱାଲିଂ।

# ଆଚରଣ ବିଧି ଲାଗୁ ସତ୍ତ୍ୱେ ଲିଭାଯାଇନି ସରକାରୀ ୱାଲିଂ

**ବନ୍ତ, ୧୬।୩ (ଡି.ଏନ.ଏ)**

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏଥିଲାଗି ସରକାରୀ ଓ ବେସରକାରୀ ସ୍ଥାନରେ ଲାଗିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ହୋର୍ଡିଂ, ବ୍ୟାନର, ପୋଷ୍ଟର ଖୋଲାଯିବା ସହ ୱାଲିଂ ଲିଭାଇ ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗତ ସୋମବାରଠାରୁ ବନ୍ତ ବିଡିଓ ଏବଂ ତହସିଲଦାରଙ୍କ ପକ୍ଷରୁ ବନ୍ତ ବଜାର ସମେତ ବିଭିନ୍ନ ପଞ୍ଚାୟତରେ ଲଗାଯାଇଥିବା ବ୍ୟାନର ଖୋଲାଯିବା ସହିତ ୱାଲିଂ ଲିଭାଇବା ଆରମ୍ଭ ହୋଇଛି। ବନ୍ତ ବଜାରର ବିଭିନ୍ନ ସ୍ଥାନରୁ ବ୍ୟାନର ଓ ହୋର୍ଡିଂ ଖୋଲି ନିଆଯାଇଛି। ତେବେ ନିଳୋକ, ପଧାନପଡା, କେନ୍ଦୁଆପଦା ପଞ୍ଚାୟତ କାର୍ଯ୍ୟାଳୟ ଓ ତୋଡଗାଁସ୍ଥିତ କିରୋସିନ ଡିପୋ ଭଳି କେତେକ ସ୍ଥାନରେ ୱାଲିଂ ଲିଭା ଯାଇ ନ ଥିବାରୁ ଏହାକୁ ବିଭିନ୍ନ ରାଜନୈତିକ ଦଳ ଓ ସାଧାରଣ ଲୋକେ ସମାଲୋଚନା କରିଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ୱାଲିଂ ଲିଭାଇବା ସକାଶେ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ କୁହାଯାଇଛି। କୌଣସି ସ୍ଥାନ ବାଦ୍ ପଡ଼ିଥିଲେ ତାହାକୁ ତୁରନ୍ତ ଲିଭାଯିବ ବୋଲି ସେ କହିଛନ୍ତି।

# ବିଜେଡିରେ ମିଶ୍ରଣକୁ ଖଣ୍ଡନକଲେ ସୁବାସଙ୍କ ପରିବାର

**ବାରିପଦା ଅଫିସ, ୧୬।୩**

ସାଧାରଣ ନିର୍ବାଚନରେ ଦଳଡିଆଁ ଜୋରଦାର ଚାଲିଛି। ଆଜି ଯିଏ ଏ ଦଳରେ, ରାତି ପାହିଲା ବେଳକୁ ସେ ଅନ୍ୟ ଦଳରେ ସାମିଲ ହେଉଛନ୍ତି। କେତେକ ଘରବାହୁଡ଼ା କରୁଥିବାବେଳେ ଅନ୍ୟକେତେକ ଦଳ ଡିଆଁ ମାରୁଛନ୍ତି। ଶୁକ୍ରବାର ଭୁବନେଶ୍ୱର ନବୀନ ନିବାସରେ କଂଗ୍ରେସର ଜଣେ ପୂର୍ବତନ ବିଧାୟକଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଥିବା ଏକ ପ୍ରେସ୍ ବିବୃତିରେ ଦଳପକ୍ଷରୁ ସୂଚନା ଦିଆଯାଇଥିଲା। ଏ ପରି କି ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଅନ୍ୟ ଦଳର କେଉଁ କେଉଁ ନେତୃବୃନ୍ଦ ବିଜେଡିରେ ସାମିଲ ହୋଇଛନ୍ତି ତାହା ଏକ ପ୍ରେସ ବିବୃତି ଦେଇ ସୂଚାଇଥିଲେ। ଏଥିରେ ଓଡିଶା କ୍ଷେତ ମଜଦୁର କିଶାନ ପରିଷଦ ସାଧାରଣ ସମ୍ପାଦକ ସୁବାସ କରମହାପାତ୍ରଙ୍କ ନାମ ରହିଥିଲା। ଅପରପକ୍ଷେ ସୁବାସ ପ୍ରାୟ ୧୫ ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମିଶ୍ରଣ ଖବର ଗଣମାଧ୍ୟମରେ ପ୍ରକାଶିତ ହେବାପରେ ତାଙ୍କ ପରିବାର ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ସୁବାସଙ୍କ ଭାଇ ତଥା କଂଗ୍ରେସ ନେତା ପ୍ରକାଶ କରମହାପାତ୍ର କହିଛନ୍ତି ଯେ, ତାଙ୍କ ପରିବାର ଆରମ୍ଭରୁ କଂଗ୍ରେସ ସହିତ ଜଡିତ। ତାଙ୍କ ସାନ ଭାଇ ପ୍ରଭାସ କରମହାପାତ୍ର ମୟୂରଭଞ୍ଜ ଜିଲା ମୋରଡାରୁ ୨୦୧୪ ମସିହାରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଥିବାବେଳେ ସେ ମଧ୍ୟ ଦଳୀୟ ପଦପଦବୀରେ ରହି ଆସିଛନ୍ତି। ଭାଇ ସୁବାସ ଚିକିତ୍ସାଳୟରେ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ କିଭଳି ଭାବେ ନବୀନ ନିବାସ ଯାଇ ବିଜେଡିରେ ଯୋଗ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ସହିତ ଆଲୋଚନା କରିବାରୁ, ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନେତା ଓ କର୍ମୀଙ୍କ ଯେଉଁ ନାମ ତାଲିକା ତାଙ୍କୁ ପ୍ରଦାନ କରାଯାଇଥିଲା, ସେ ନେଇ ସେ ପ୍ରେସ ବିବୃତି ଦେଇଥିଲେ ବୋଲି କହିଛନ୍ତି।

# ସାଙ୍ଗଠନିକ ସ୍ଥିତି ନେଇ ଗୁରୁତ୍ୱାରୋପ



ବୈଠକରେ ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ।

**ଆରଡ଼ି, ୧୬।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଓଳଗଠାରେ ଭାଜପା ଆଖଣ୍ଡଳମଣି ମଣ୍ଡଳର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରଡ଼ି, ସୁନ୍ଦରପୁର, ନାନ୍ଦପୁର, ଓଳଗ ଆଦି ପଞ୍ଚାୟତର ପ୍ରତ୍ୟେକ ବୁଥ୍‌ରେ ଦଳର ପୂର୍ବ ବିଧାନସଭା ଓ ପଞ୍ଚାୟତ ନିର୍ବାଚନରେ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଏହି ବୈଠକର ଆୟୋଜନ କରାଯାଇଥିଲା। ମଣ୍ଡଳ ସଭାପତି କିଶୋର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଭାରୀ ଜଗନ୍ନାଥ ଦାସ ଓ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁଇଦିନ ମଧ୍ୟରେ ପ୍ରତ୍ୟେକ ବୁଥ୍ କମିଟି କାର୍ଯ୍ୟକର୍ତ୍ତା ବୈଠକ କରି ନିଜ ଦଳ ବୃଦ୍ଧି କରିବାକୁ ଆହ୍ୱାନ ଦିଆଯାଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ମିହିର ନାୟକ, ଶରତ ବେହୁରିଆ, ସ୍ୱଦେଶ ପଣ୍ଡା, ଜୀବନାନନ୍ଦ ପାଢୀ, ସୁନିଲ ବିଶ୍ୱାଳ, ଶଶାଙ୍କ ବେହୁରିଆ, ସନ୍ଦୀପ ନାୟକ, ତପନ ପାଢୀ, ନିର୍ମଳ ଦାସ, ଉତ୍ତମ ମିଶ୍ର, ଦୁଃଶାସନ ଖଟୁଆ, ପ୍ରଶାନ୍ତ ବିଶ୍ୱାଳ, ପ୍ରଦୀପ ନାୟକ ଓ ଉମେଶ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଜି ନିଷ୍ପତ୍ତି ନେଇପାରନ୍ତି ବିଧାୟକ

**ସଜନାଗଡ଼, ୧୬।୩(ଡି.ଏନ.ଏ.)**



ବିଧାୟକ ଇଂ. ସୁକାନ୍ତ କୁମାର ନାୟକ।

ନିର୍ବାଚନ ଯେତେ ପାଖେଇ ଆସୁଛି ନୀଳଗିରି ରାଜନୀତି ସେତେ ଜଟିଳ ହେବାରେ ଲାଗିଛି। ଗୋଟିଏ ପଟରେ ଯୋଗବିୟୋଗ ଚାଲିଥିବା ବେଳେ ଅନ୍ୟପଟେ କିଏ କେଉଁ ଦଳରୁ ହେବ ପ୍ରାର୍ଥୀ, କାହାକୁ ମିଳିବ ଟିକେଟ? କିଏ କରିବ ଜନତାଙ୍କ ପ୍ରତିନିଧିତ୍ୱ? ଏଭଳି ପ୍ରଶ୍ନ ନୀଳଗିରି ଗଡ଼ଜାତ ମାଟିର ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଶୁକ୍ରବାର ବିଜେଡିରୁ ଇସ୍ତଫା ଦେଇଥିବା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କେଉଁ ଦଳରେ ଯୋଗଦେବେ ଏନେଇ ସେ ମୁହଁ ଖୋଲିନାହାନ୍ତି। ରବିବାର ବିଧାୟକ ନାୟକ ଏନେଇ ନିଷ୍ପତ୍ତି ନେଇପାରନ୍ତି ବୋଲି ତାଙ୍କ ନିକଟତମ ସହଯୋଗୀଙ୍କ ପାଖରୁ ଶୁଣିବାକୁ ମିଳୁଛି। ଏ ବିଷୟକୁ ନେଇ ସୁକାନ୍ତଙ୍କ ସମର୍ଥକଙ୍କ ମନରେ ଚଞ୍ଚଳତା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ବିଧାୟକ ନାୟକ ଜିଲା ସଭାପତିଙ୍କ ବିରୋଧରେ ଆଣିଥିବା ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାକୁ ଜୋରଦାର କରିଛି। ଜିଲା ସଭାପତି ନୀଳଗିରିରେ ବିଜେଡିକୁ ଜିତାଇବାରେ ସକ୍ଷମ ନ ହେଲେ ସୁକାନ୍ତଙ୍କର ଅଭିଯୋଗ ସତ ହୋଇଯିବାର ଆଶଙ୍କା ରହିଛି। ତେଣୁ ଜିଲା ସଭାପତି ନିଜର ସମ୍ମାନକୁ ବଜାୟ ରଖିବା ପାଇଁ ନୀଳଗିରିରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅଧିକ ଜୋର୍ ଲଗାଇବେ। ଏନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ଚାଲିଛି ଦଳ କଷାକଷି, ରାଜଧାନୀରେ ଆଶାୟୀଙ୍କ ଡେରା

**କେନ୍ଦୁଝର, ୧୬।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ନିର୍ବାଚନ ତାରିଖ ଘୋଷଣା ହେବା ପରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। ଏଠାରେ ନାମାଙ୍କନ ପତ୍ର ଦାଖଲ ସମୟ ମାର୍ଚ୍ଚ ୨୮ ରୁ ଅପ୍ରେଲ ୪ ପର୍ଯ୍ୟନ୍ତ ରହିଛି। ଏଯାଏ କୌଣସି ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନାହିଁ। ବିଭିନ୍ନ ଦଳରେ ଏକାଧିକ ଅଶାୟୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ନିର୍ବାଚନ ମଣ୍ଡଳୀ ଛାଡି ଟିକଟ ପାଇଁ ରାଜଧାନୀରେ ଡେରା ପକାଇ ଟିକଟ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି।

କେନ୍ଦୁଝର ଜିଲାର ୬ ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୨୦୧୪ ନିର୍ବାଚନରେ ୫ ଟି ଆସନ ବିଜେଡି ଦଖଲ କରିଥିବା ବେଳେ ଗୋଟିଏ ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ଯାଇଥିଲା। ଲୋକ ସଭା ଆସନ ମଧ୍ୟ ବିଜେଡି ହାତେଇଥିଲା। ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ପରିବର୍ତ୍ତନର ନାରା ଦେଇ ବିରୋଧୀମାନେ ଏବେ ସକ୍ରିୟ ହୋଇ ଉଠିଛନ୍ତି। ଅନ୍ୟ ଅଞ୍ଚଳ ଭଳି ଜିଲାରେ ଦଳବଦଳ କାର୍ଯ୍ୟକ୍ରମ ଏଯାଏ ଯଦିଓ ଦେଖିବାକୁ ମିଳି ନାହିଁ, ତେବେ ରବିବାର କଂଗ୍ରେସର ଜଣେ ପୂର୍ବତନ ବିଧାୟକ ସମେତ ବହୁ ସମିତି ସଭ୍ୟ ସରପଞ୍ଚ ତଥା ନେତା କର୍ମୀ ଭୁବନେଶ୍ୱର ଠାରେ ମିଶ୍ରଣ ପର୍ବରେ ସାମିଲ ହେବାକୁ ଯାଉଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏ ନେଇ କଂଗ୍ରେସର ପ୍ରତିକ୍ରିୟା ମିଳି ନାହିଁ।

କେନ୍ଦୁଝରରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାରୁ ପ୍ରାର୍ଥୀଙ୍କ ନାମ ଘୋଷଣା ଠିକ ସମୟରେ ହେବ ବୋଲି ସବୁ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଟିକଟ ପାଇଁ ସମସ୍ତେ ଆଶାୟୀ ଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଯଦି କେହି ଦଳ ଛାଡିବେ ତାହାର କିଛି ପ୍ରଭାବ ପଡିବ ନାହିଁ ବିଜେଡି ଜିଲା ସଭାପତି ବିମ୍ବାଧର ବିଶ୍ୱାଳ କହିଛନ୍ତି। ଭାଜପା ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି ଯେ ଜିଲାରେ ଭାଜପା ପକ୍ଷରୁ ଠିକ ସମୟରେ ପ୍ରାର୍ଥୀ ଘୋଷଣା ହେବ। ଦଳ ଭିତରେ ରେ କୌଣସି ବିବାଦ ନାହିଁ। ଯିଏ ପ୍ରାର୍ଥୀ ହେବ ତାଙ୍କୁ ଜିତାଇବା ପାଇଁ ସମସ୍ତେ ଉଦ୍ୟମ କରିବେ। କଂଗ୍ରେସ ସଭାପତି ମୋହନ ପରିଡା କହିଛନ୍ତି, ଗତ ନିର୍ବାଚନ ଅପେକ୍ଷା ଏଥର ଦଳ ଭଲ ପ୍ରଦର୍ଶନ କରିବ। ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ହାଇକମାଣ୍ଡ ପ୍ରାର୍ଥୀ ଚୟନ କରିବେ ବୋଲି ସେ କହିଛନ୍ତି।

# ନିର୍ବାଚନୀ ବିଗୁଲ ବଜାଇଲେ କଂଗ୍ରେସ ଆଶାୟୀ ପ୍ରାର୍ଥୀ



ଭୋଗରାଇ କଂଗ୍ରେସ ଭବନରେ ସମାବେଶ।

**ଭୋଗରାଇ, ୧୬।୩(ଡି.ଏନ.ଏ.)**

ନିର୍ବାଚନ ପାଇଁ ସବୁ ଦଳ ଜୋରଦାର ସଜବାଜ ଚଳାଇଛନ୍ତି। ବାଲେଶ୍ୱର ଲୋକସଭା ଆସନ ପାଇଁ କଂଗ୍ରେସରୁ ଟିକେଟ ଆଶାୟୀ ଥିବା ନବଜ୍ୟୋତି ପଟ୍ଟନାୟକ ପ୍ରଥମ କରି ଭୋଗରାଇରେ କମର୍ଦ୍ଦା, କଂଗ୍ରେସ ଭବନ ଓ ଶଙ୍ଖାରୀରେ ସଙ୍ଗଠନ ନବନିର୍ମାଣ ଓ କାର୍ଯ୍ୟକର୍ତ୍ତା ସଶକ୍ତିକରଣ ସମାବେଶରେ ଯୋଗଦେଇ କଂଗ୍ରେସ ନେତା ଓ କର୍ମୀଙ୍କୁ ଅଣ୍ଟା ଭିଡ଼ିବାକୁ ପରାମର୍ଶ ଦେଇଛନ୍ତି। ନବଜ୍ୟୋତିଙ୍କ ସମାବେଶରେ ଯୋଗଦାନକୁ ନେଇ ଦଳରେ ନାନା ଚର୍ଚ୍ଚା ପ୍ରକାଶ ପାଇଛି।

ଦଳର ଛାମୁଆ ନେତାମାନେ ଭୋଗରାଇ କଂଗ୍ରେସ ଭବନ ଠାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ଭୋଗରାଇରୁ କଂଗ୍ରେସର ନିର୍ବାଚନୀ ବିଗୁଲ ବାଜିଲା ବୋଲି ପ୍ରକାଶ କରିଥିଲେ। କଂଗ୍ରେସ ଶାଖାର ସଭାପତି ଆଶିଷ କୁମାର ପାତ୍ରଙ୍କ ପୌରୋହିତ୍ୟରେ ବିଧାୟକ ପ୍ରାର୍ଥୀ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ସତ୍ୟଶିବ ଦାସ ବକ୍ତବ୍ୟ ରଖି ଆଗାମୀ ନିର୍ବାଚନ କଂଗ୍ରେସର ବିଜୟ ନିଶ୍ଚିତ ବୋଲି କହିଥିଲେ। ଏହି ସମାବେଶରେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ସଞ୍ଜିବ ଗିରି, ସଂଗ୍ରାମ ଦାସ, ଜିଲା ଉପସଭାପତି ଗୋପୀନାଥ ପାଢ଼ୀ, ସମ୍ପାଦକ ହରମୋହନ ଦାସ, ସନ୍ତୋଷ କୁମାର ଜେନା, ନାରୀନେତ୍ରୀ ମମତା ସାହୁ, ବ୍ଲକ କାର୍ଯ୍ୟକାରୀ ଉପସଭାପତି ଗୋପବନ୍ଧୁ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର ପ୍ରମୁଖ ବହୁ ବରିଷ୍ଠ ନେତା ଭାଷଣ ଦେଇଥିଲେ।

# ଅସନ୍ତୁଷ୍ଟ ନେତାଙ୍କୁ ମନାଇବାକୁ ଉଦ୍ୟମ

**ଖଇରା, ୧୬।୩(ଡି.ଏନ.ଏ.)**

ଭାଜପାର ସିମୁଳିଆ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଶନିବାର ଧୋବାଗଡିଆସ୍ଥିତ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେବଳ ଖଇରା, ସିମୁଳିଆ ୨ ବ୍ଲକର ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଡକାଯାଇଥିଲା। ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ପୁରୁଣା କାର୍ଯ୍ୟକର୍ତ୍ତାମାନେ ସେମାନଙ୍କ ମନ ଭିତରେ ଥିବା ଦୀର୍ଘଦିନର ଅସନ୍ତୋଷକୁ ପ୍ରକାଶ କରିଥିଲେ। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଯଥାସମ୍ଭବ ସେମାନଙ୍କର ମାନଭଞ୍ଜନ କରିବାକୁ ଉଦ୍ୟମ କରିଥିଲେ। ବହୁ ବରିଷ୍ଠ ଓ ବୟସ୍କ କାର୍ଯ୍ୟକର୍ତ୍ତାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଖଇରା ବ୍ଲକ ପ୍ରଭାରୀ ଇଶ୍ୱର ବେହେରା, ବିସ୍ତାରକ କୈଳାସ ସାମଲ, ପୂର୍ବତନ ମଣ୍ଡଳ ସଭାପତି ଉପେନ୍ଦ୍ର ପାଣିଗ୍ରାହୀ, କୈଳାସ ବାରିକ, ମହେନ୍ଦ୍ର ବେହେରା, ଗୌରୀ ବେହେରା, ଡମ୍ବରୁଧର ମହାନ୍ତି, ରାଜେଶ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ତେବେ ଏବେ ବିଜେଡିରେ ଶଶି ସାହୁ ସାମିଲ ହେବା ପରେ ଦଳରେ ଅସନ୍ତୋଷ ଘନୀଭୂତ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ଏତିକିବେଳେ ନୂତନ ଭାବେ କିଛି ଦିନ ପୂର୍ବରୁ ଭାଜପାରେ ଯୋଗ ଦେଇଥିବା ପଦ୍ମଲୋଚନ ନିଜର ସମର୍ଥକ ଏବଂ ଭାଜପାର ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରି ଏକାଠି କରିବାକୁ ବୈଠକ ଡକାଇଥିବା କୁହାଯାଉଛି।



ଧୋବାଗଡିଆ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ମାନଭଞ୍ଜନ ବୈଠକ।

# ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରିଣୀ

**ଧାମନଗର, ୧୬।୩ (ଡି.ଏନ.ଏ.)**

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଧୃଷ୍ଟୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଧର କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଏହି ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଆର୍ଥିକ ଏବଂ ପଛୁଆ ଦଳିତ ବର୍ଗ ପାଇଁ ଅନେକ ଉଲ୍ଲେଖନୀୟ ଯୋଜନା କାର୍ଯ୍ୟକାରୀ ହେବା ବିଷୟରେ ଏହି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ସେ ପରାମର୍ଶ ଦେଇଥିଲେ। ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶରତ ଦାସ, ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ସଭ୍ୟା ଉମାମଣି ସାହୁ ଓ ସୁରଥ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ମୋର୍ଚ୍ଚାର ସାଙ୍ଗଠନିକ ଦାୟିତ୍ୱ ଶ୍ରୀଧର ବେହେରା, ସରୋଜ ଜେନା, ଚକ୍ରଧର ସେଠୀ, ରମାକାନ୍ତ ସେଠୀ ଓ ନିରଞ୍ଜନ ମାଝିଙ୍କୁ ମନୋନୀତ କରାଯାଇଥିଲା। ଜିଲା ଉପସଭାପତି ଚତୁର୍ଭୁଜ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ସରୋଜ ଜେନା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ବିସ୍ତାରକ ବିମ୍ବାଧର ସାହୁ, ଭଦ୍ରକ ବିଧାନସଭା ପ୍ରଭାରୀ ବୀରେନ୍ଦ୍ର ଜେନା, ମିଡିଆ ସେଲ୍‌ର ଜିଲା ସଂଯୋଜକ ବୈକୁଣ୍ଠନାଥ ସାହୁ, ଆଇଟି ସେଲ୍ ଜିଲା ସଂଯୋଜକ ପ୍ରଶାନ୍ତ ନାୟକ, ଅଜୟ ବଳ, ସୁବାସ ନନ୍ଦ, ସରପଞ୍ଚ ପ୍ରମୋଦ ସୂତାର, ଅନୀଲ ଦାସ, ବରୁଣ ଦାସ, ଅମର ବେହେରା, କାଳନ୍ଦୀ ମଳିକ, ସଞ୍ଜୟ ମଳିକ ଓ ଚକ୍ରଧର ମଳିକ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗାଡ଼ିକୁ ପିଟିଲା ବାଇକ୍ ୧ ମୃତ, ଜଣେ ଗୁରୁତର

**ବାରିପଦା ଅଫିସ,୧୬।୩-** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶାମାଖୁଣ୍ଟା ବ୍ଲକ୍ ବାଲଡ଼ିହା ନିକଟରେ (ଲୁଲୁଙ୍ଗ ରୋଡ) ଶନିବାର ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଜଗନ୍ନାଥପୁର ଅଞ୍ଚଳର ମଧୁ ସିଂ ଏବଂ ଗୁରୁତର ମଙ୍ଗଳ ସିଂ। ମଙ୍ଗଳଙ୍କୁ ବାରିପଦା ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟ ମଧୁ ଓ ମଙ୍ଗଳ ଏକ ବାଇକରେ ରଙ୍ଗାମାଟିଆ ହାଟରୁ ସଉଦାପତ୍ର କିଣି ଘରକୁ ଫେରୁଥିଲେ। ବାଇକ୍ ଭାରସାମ୍ୟ ହରାଇବାରୁ ଏହା ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଗାଡିରେ ପିଟି ହୋଇଯାଇଥିଲା। ଫଳରେ ଘଟଣା ସ୍ଥଳରେ ମଧୁଙ୍କ ମୃତ୍ୟୁ ହାଇଥିଲା। ମଙ୍ଗଳୁଙ୍କୁ ମଧ ଶକ୍ତ ଆଘାତ ଲାଗିଛି। ବାରିପଦା ସଦର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ଆଣିଥିଲେ। ଏହା ସହିତ ଆମ୍ବୁଲାନ୍ସ ଯୋଗେ ଗୁରୁତର ମଙ୍ଗଳଙ୍କୁ ମେଡିକାଲକୁ ଅଣାଯାଇଥିଲା।

### ସାରଙ୍ଗଗଡ, ବଣ୍ଡଗୁଡା ରେ କାଳବୈଶାଖୀ

**କ.ନୂଆଗାଁ,୧୬।୩-** କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ସାରଙ୍ଗଗଡ ଓ ବଣ୍ଡଗୁଡା ପଞ୍ଚାୟତରେ ଶନିବାର ସନ୍ଧ୍ୟାରେ କାଳବୈଶାଖି ପ୍ରଭାବରେ ପ୍ରବଳ ବର୍ଷାପବନ ସହ କୁଆପଥର ବୃଷ୍ଟି ହୋଇଛି। ୨ଘଣ୍ଟା ଧରି କୁଆପଥର ବୃଷ୍ଟି ଯୋଗୁ ଅଞ୍ଚଳରେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ରାତି ହୋଇଯାଇଥିବାରୁ କ୍ଷୟକ୍ଷତି ନେଇ ଠିକ୍ ସୂଚନା ମିଳି ନାହିଁ।

### ୨ ଡକାୟତ ଗିରଫ

**ଭଦ୍ରକ ଅଫିସ,୧୬।୩-**ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଶୁକ୍ରବାର ରାତିରେ ମିର୍ଜାପୁର ଛକରୁ ୨ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ରୁଆବଗିଚାର ଜାଫର୍ ଖାନ୍ ଓ ମୁଲଣାସାହିର ଶେଖ୍ ରାଜା। ପୋଲିସ ସେମାନଙ୍କଠାରୁ ଏକ ଦେଶୀ ପିସ୍ତଲ, ଡକାୟତ ପାଇଁ ବ୍ୟବହୃତ ହେଉଥିବା ଲୁହାରଡ, ଭୁଜାଲି ଓ କେତେକ ମାରଣାସ୍ତ୍ର ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୫୧/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ୨ ଜଣଙ୍କ ନାଁରେ ସହରର ୩ଟି ଥାନା ସମେତ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସୂଚନା ଦେଇଛନ୍ତି।

### ପାଣିଟାଙ୍କିରେ ଭାସୁଛି ଯୁବତୀଙ୍କ ମୃତଦେହ

**ରାଇକିଆ,୧୬।୩(ଡି.ଏନ୍.ଏ.)-** ରାଇକିଆ ବ୍ଲକ ମଣ୍ଡାକିଆ ପଞ୍ଚାୟତର କେତେଡିକିଆ ଗ୍ରାମରେ ଥିବା ଏକ ପାଣି ଟାଙ୍କିରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ପମ୍ପ ହାଉସ ଚାଳକ ପାଣି ଟାଙ୍କି ଉପରେ ଥିବା ତାଲା ଭଙ୍ଗା ଯାଇଥିବା ଏବଂ ଟାଙ୍କି ଭିତରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏନେଇ ଗ୍ରାମବାସୀଙ୍କ ତରଫରୁ ରାଇକିଆ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାତି ହୋଇଯାଇଥିବାରୁ ମୃତଦେହ ଉଦ୍ଧାର କରାଯାଇପାରିନାହିଁ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ନରେଶ ସାହୁ କହିଛନ୍ତି।

### ବସ୍ ଧକ୍କାରେ ବ୍ୟବସାୟୀ ମୃତ

**ଭଞ୍ଜନଗର,୧୬।୩(ଡି.ଏନ.ଏ)-** ଭଞ୍ଜନଗର ଥାନା ବାଉଁଶଲୁଣ୍ଡିରେ ଶନିବାର ଏକ ବସ୍ ଧକ୍କାରେ ଜଣେ ବ୍ୟବସାୟୀ ମୃତ୍ୟୁବରଣ କରିଛନ୍ତି। ମୃତ ବ୍ୟକ୍ତି ଜଣଙ୍କ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ବଦୁନାଥ ଗ୍ରାମର ସାମସୁଲ ମଣ୍ଡଳ। ଖବରପାଇ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସପିଟାଲକୁ ପଠାଇଛି। ଏଥିସହ ପୋଲିସ ଏକ ମାମଲା ରୁଜୁକରି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ପଶ୍ଚିମବଙ୍ଗର କେତେଜଣ ଲୋକେ ଭଞ୍ଜନଗରରେ ରହି ବିଭିନ୍ନ ବ୍ୟବସାୟ କରୁଛନ୍ତି। ସାମସୁଲ ଶନିବାର ନିଜ ଟିଭିଏସ୍ ଏକ୍ସଲ ଗାଡ଼ିରେ ମଶାରି ବିକ୍ରି କରିବା ପାଇଁ ବାହାରିଥିଲେ। ଏହି ସମୟରେ ବାଉଁଶଲୁଣ୍ଡି ଠାରେ ଭଞ୍ଜନଗରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ମା' ଲକ୍ଷ୍ମୀ ଯାତ୍ରୀବାହି ବସ୍‌ଟି ସାମସୁଲଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ସେବା ଯୋଗାଇପାରୁନି କେନ୍ଦ୍ର

**କପ୍ତିପଦା,୧୬।୩(ଡି.ଏନ.ଏ)**

ଦିନକୁ ଦିନ ପାରଦସ୍ତର ଉପରକୁ ଉଠୁଛି। ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଏହାକୁ ନେଇ ଚିନ୍ତାରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ବାସୀ। ଏହି ବ୍ଲକ୍ ମୁଖ୍ୟତଃ ପାହାଡ଼ିଆ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ପ୍ରାୟ ୫୦ ପ୍ରତିଶତ ପରିବାରର ଘର ଚାଳଛପର। ପ୍ରତି ବର୍ଷ ଅନେକ ଅଗ୍ନିକାଣ୍ଡ ଘଟିଥିବା ନଜିର ଥିବାବେଳେ ପାହାଡିଆ ଅଞ୍ଚଳବାସୀ ଏବେ ଚିନ୍ତାରେ। ହେଲେ ଉକ୍ତ ବ୍ଲକ୍‌ରେ ଥିବା ଅଗ୍ନିଶମ ସେବା କେନ୍ଦ୍ରରେ କର୍ମଚାରୀ ଅଭାବ ହେତୁ ଉଚିତ ସେବା ଯୋଗାଇ ଦିଆଯାଇପାରୁ ନ ଥିବା କୁହାଯାଇଛି।

କପ୍ତିପଦା ବ୍ଲକ୍ କପ୍ତିପଦାରେ ୧୯ ଅକ୍ଟୋବର ୨୦୧୫ରେ ଏକ ଅଗ୍ନିଶମ ସେବା କେନ୍ଦ୍ର ସ୍ଥାପିତ ହୋଇଛି। ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଗ୍ନିଶମ କେନ୍ଦ୍ରାଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ମୁଖ୍ୟ ଆଗ୍ନିକ ଭାବେ ତରୁଣ ଦାସ ରହିଛନ୍ତି। ସେହିପରି ୧୦ଜଣ ଫାୟାରମ୍ୟାନଙ୍କ ସ୍ଥାନରେ ମାତ୍ର ୫ଜଣ ନିୟମିତ ଫାୟାରମ୍ୟାନ୍ ରହିଛନ୍ତି। କପ୍ତିପଦା ଦମକଳ ସେବା କେନ୍ଦ୍ରଠାରୁ ଅନେକ ପଞ୍ଚାୟତ ଦୂରତା ୩୦ରୁ ୪୦ କି.ମି। ଗାଁଗୁଡ଼ିକୁ ପକ୍କା ରାସ୍ତା ନାହିଁ। ଅଗ୍ନିକାଣ୍ଡ ଘଟିଲେ ଲୋକେ ଆତଙ୍କିତ ହେଉଛନ୍ତି। ଏଥିପାଇଁ କଳମଗଡ଼ିଆ, ଶରତ, ସରଡ଼ିହା,



କପ୍ତିପଦା ଅଗ୍ନିଶମ କେନ୍ଦ୍ର।

ଦେଓ୍ୱାନବାହାଲୀ, ଲାବଣ୍ୟଦେଇପୁର, ରାମଚନ୍ଦ୍ରପୁର, ପଦ୍ମପୋଖରୀ, ରାଣୀପୋଖରୀ ଓ ମଝିଗଡ଼ିଆକୁ ନେଇ ଶରତଠାରେ ଏକ ଦମକଳ ସେବା କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

୨୦୧୭ରେ ଏଠାରେ ୪୭ ଅଗ୍ନିକାଣ୍ଡ, ୫୧ ସ୍ୱତନ୍ତ୍ର ସେବା ସହିତ ୩୯ଟି ମଣିଷ ଓ ୧୬ ପ୍ରାଣୀ ସମ୍ପଦଙ୍କ ଜୀବନ ରକ୍ଷା କରାଯାଇଛି। ସାଧାରଣ ଲୋକଙ୍କ ୩୧ଲକ୍ଷ ୪୨ହଜାର ଟଙ୍କା ମୂଲ୍ୟର ସମ୍ପତ୍ତି ରକ୍ଷା କରାଯାଇଥିବା ବେଳେ ୮ଲକ୍ଷ ୭୭ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସେହିପରି ୨୦୧୮ରେ ୮୦ ଅଗ୍ନିକାଣ୍ଡ, ୫୨ ସ୍ୱତନ୍ତ୍ର ସେବା ସହିତ ୬୦ ମଣିଷ ଓ ୧୫ ପ୍ରାଣୀ ସମ୍ପଦ, ସାଧାରଣ ଲୋକଙ୍କ ୫୦ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ସମ୍ପତ୍ତି ରକ୍ଷା କରାଯାଇଥିବା ବେଳେ ୧୫ଲକ୍ଷ ୨୪ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସେହିପରି

**କପ୍ତିପଦା ଅଗ୍ନିଶମ ସେବା କେନ୍ଦ୍ର**

- କର୍ମଚାରୀ ଅଭାବ
- ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ଖାଲିପଡ଼ିଛି କେନ୍ଦ୍ରାଧିକାରୀ ପଦବୀ
- ଠିକାରେ ୫ ଫାୟାରମ୍ୟାନ କାର୍ଯ୍ୟରତ
- ୫୦ ପ୍ରତିଶତ ବାସିନ୍ଦାଙ୍କ ଘର ଚାଳଛପର
- ଖରାଦିନ ଆସିଲେ ଛନକା ପଶୁଛି

ଚଳିତବର୍ଷ ଅଦ୍ୟାବଧି ୭ ଅଗ୍ନିକାଣ୍ଡ, ୫ ସ୍ୱତନ୍ତ୍ର ସେବା ସହିତ ୯ ମଣିଷ ଓ ଗୋଟିଏ ପ୍ରାଣୀ ସମ୍ପଦର ଜୀବନ ରକ୍ଷା କରାଯାଇଛି। ସାଧାରଣ ଲୋକଙ୍କର ୫ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ରକ୍ଷା କରାଯାଇଥିବା ବେଳେ ୧ଲକ୍ଷ ୭୫ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି।

ଏହି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହେଉଥିବା ପରିବାର ଓ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ୫୦ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକଙ୍କୁ ମିଳି ନ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ପ୍ରଭାବିତ ପରିବାର ଉପଯୁକ୍ତ ସମୟରେ ସହାୟତାରୁ ବଞ୍ଚିତ ହେଉଥିବା ଜାମବଣୀ ସରପଞ୍ଚ ବୁଦ୍ଧେଶ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି । ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଥିବାରୁ ଏହାକୁ କିପରି ମୁକାବିଲା କରାଯିବ ସେଥିପାଇଁ ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଯତ୍ନବାନ ହେବାକୁ ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କପ୍ତିପଦା ଅଗ୍ନିଶମ କେନ୍ଦ୍ରାଧିକାରୀ ଦାୟିତ୍ୱରେ ଥିବା ଆଗ୍ନିକ ତରୁଣଙ୍କୁ ପଚାରିବାରୁ ସେ କହନ୍ତି, କର୍ମଚାରୀ ଅଭାବ ହେତୁ ପାହାଡ଼ିଆ ଅଞ୍ଚଳରେ ଯଥାସମୟରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସେମାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ । ଖରାଦିନେ ଅଧିକାଂଶ ସମୟରେ ଶିମିଳିପାଳ ଜଙ୍ଗଲରେ ନିଆଁ ଲାଗୁଥିବାରୁ ତାହା ସମସ୍ୟାକୁ ଦ୍ୱିଗୁଣ କରିଦେଉଛି। ଚଳିତ ବର୍ଷ କପ୍ତିପଦା ଅଗ୍ନିଶମ କେନ୍ଦ୍ର ଅଧୀନ ଜରୁରିକାଳୀନ ସେବା ପାଇଁ ୦୬୭୯୫-୨୩୭୦୬୦ରେ ଯୋଗାଯୋଗ କଲେ ବିଭାଗ ପକ୍ଷରୁ ଉପଯୁକ୍ତ ସେବା ଯୋଗାଇଦେବ ବୋଲି ସେ ପ୍ରକାଶ କରିଛନ୍ତି।

■ ପରୀକ୍ଷା ଋତୁରେ ଘନ ଘନ ବିଦ୍ୟୁତ୍ କାଟ୍

## କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

**ବାରିପଦା ଅଫିସ,୧୬।୩**

ଏବେ ପରୀକ୍ଷା ଋତୁ। ସମଗ୍ର ରାଜ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ପରୀକ୍ଷା ଚାଲୁଛି। ହେଲେ ମୟୂରଭଞ୍ଜ ଜିଲାରେ ଘନଘନ ଅଘୋଷିତ ବିଦ୍ୟୁତ୍ କାଟ ପରୀକ୍ଷାର୍ଥୀଙ୍କୁ ଅଡୁଆରେ ପକାଇଛି। ଏଣୁ ଜିଲାରେ ୨୪ ଘଣ୍ଟା ବିଦ୍ୟୁତ ସେବା ଯୋଗାଇଦେବାକୁ ମୟୂରଭଞ୍ଜ ଆଦିବାସୀ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ବିଦ୍ୟୁତ ଅଧୀକ୍ଷଣଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାରିପଦା ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସଂଘର ଦାବି ମୁତାବକ ବିଭିନ୍ନ ଗ୍ରାମରେ ଏଯାଏ ଟ୍ରାନ୍ସଫର୍ମର ଲାଗିପାରିଲାନାହିଁ। ବିପିଏଲ ପରିବାରକୁ ବିଦ୍ୟୁତ ସଂଯୋଗ ମଧ୍ୟ କରାଯାଇନାହିଁ। ଏପରି କି ବିଭିନ୍ନ ଗ୍ରାମରେ ଖରାପ ଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ସଜଡ଼ା ଯାଉନି। ଉପରୋକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ କରା ନ ଗଲେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ ସଂଘ ଚେତାବନୀ ଦେଇଛି। ସଂଘ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଜିଲା ସଭାପତି ମୁକେଶ ମାରାଣ୍ଡି, ଦିଲିପ ମାଝୀ, ଲକ୍ଷ୍ମୀକାନ୍ତ ବାସ୍କେ, ଲାଲୁ ପ୍ରସାଦ ଟୁଡୁ, ରାଜଦାସ ମାଝୀ, ମଦନ ହାଁସଦା, ବାଡ଼ା ହେମ୍ବ୍ରମ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ସଂଘ ପକ୍ଷରୁ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

■ ଅଭିଭାବକଙ୍କ ମଧ୍ୟରେ ମତଦାନ ସଚେତନତା

## ଛାତ୍ରୀଛାତ୍ରଙ୍କୁ ପୋଷ୍ଟକାର୍ଡ ପ୍ରଦାନ

**କୁଆମରା,୧୬।୩(ଡି.ଏନ.ଏ.)**

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରତି ବିଦ୍ୟାଳୟରେ ଶନିବାର ଅଭିଭାବକଙ୍କ ମଧ୍ୟରେ ମତଦାନ ସଚେତନତା ପାଇଁ ଛାତ୍ରୀଛାତ୍ରଙ୍କୁ ପୋଷ୍ଟକାର୍ଡ଼ ପ୍ରଦାନ କରାଯାଇଛି। ସଠିକ ମତଦାନ ଗଣତନ୍ତ୍ରର ପରିଚୟ ଏବଂ ଏଥିରେ କୌଣସି ପ୍ରକାର ପ୍ରଭାବିତ ନ ହେବା ପାଇଁ ପେଷ୍ଟେକାର୍ଡରେ ଉଲ୍ଲେଖ ରହିଛି। ଗୋପବନ୍ଧୁ ନଗର ବ୍ଲକର ପ୍ରତି ବିଦ୍ୟାଳୟଗୁଡ଼ିରେ ଛାତ୍ରୀଛାତ୍ରଙ୍କୁ ପୋଷ୍ଟକାର୍ଡ ପ୍ରଦାନ କରାଯାଇଛି। ଉପଜିଲାପାଳ ଭଗବାନ ବେହେରା ଏବଂ ବିଡିଓ ମନୋଜ ବେହେରା ଖୁଣ୍ଟା ଉଚ୍ଚବିଦ୍ୟାଳୟରେ ଉପସ୍ଥିତ ରହି ମତଦାନ ସଚେତନତା ସଂପର୍କରେ ଆଲୋକପାତ କରିଥିଲେ।



ଛାତ୍ରୀଛାତ୍ରମାନେ ଭୋଟ ସଚେତନତା କାର୍ଡ ପ୍ରଦର୍ଶନ କରୁଛନ୍ତି।

### ଗଛରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବେଗୁନିଆପଡା,୧୬।୩(ଡି.ଏନ୍.ଏ.)**

ବେଗୁନିଆପଡା ବ୍ଲକ ବଡଖଇରଖମା ପଞ୍ଚାୟତ ଗୁଞ୍ଜିବଳା ଗ୍ରାମର ଜଣେ ମହିଳା କଇଁଆ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ମିନି ରାଉତ (୪୫)। ଶନିବାର ଅପରାହ୍ଣରେ ନିଜ ଜମିରେ ଥିବା କଇଁଆଗଛରେ ଚଢିଥିବାବେଳେ ଗୋଡ ଖସିଯିବାରୁ ଖସିପଡିଥିଲେ। ତାଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମିନିଙ୍କୁ ମୃତ ଘୋଷଣା କରିଥିଲେ।

## ଭାଜପାର ବିଜୟ ସଂକଳ୍ପ ଯାତ୍ରା

**କୁଆମରା,୧୬।୩(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ କୁଆମରା ମଣ୍ଡଳ ସଭାପତିଙ୍କ ତତ୍ତ୍ୱାବଧାନରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ବରଡିହି ପଂଚାୟତରୁ ଆରମ୍ଭ ହୋଇ ଆରପଟା ରେ ଶେଷ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବରିଷ୍ଠ ନେତା କମଳ କୁମାର ଧଳ, ମମତା ସାହୁ, ପୂର୍ବତନ ଉଦଳା ଏନଏସି ଅଧ୍ୟକ୍ଷ ସୌଭାଗ୍ୟ ସାହୁ, ଶରତ ଦାସ, ପ୍ରଶାନ୍ତ ମହାନ୍ତ, ପ୍ରଭାରୀ ଆଦର୍ଶ ଜେନା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ପାଞ୍ଚ ବର୍ଷର ସଫଳତା ଉପରେ ଆଲୋକପାତ କରିବା ସହିତ ରାଜ୍ୟ ସରକାରଙ୍କ ୨୦ ବର୍ଷର ଶାସନକୁ ସମାଲୋଚନା କରିଥିଲେ। କିରିକିଚିଆ, ସାଇଁକୁଳା, ଖଡିକାପଦା, କୁସୁମିଆ ଓ ଆରପଟାଠାରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ପାତ୍ର, ସମ୍ପାଦକ ଗିରିଜାଶଙ୍କର ବେହେରା, ଜିଲା ଏସଟି ମୋର୍ଚ୍ଚା ଉପସଭାପତି କ୍ଷେତ୍ରମୋହନ ସିଂ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ସୁଶୀଲ ବାରିକ, ସାଧାରଣ ସମ୍ପାଦକ ଶକ୍ତିପଦ ଲେଙ୍କା, ରଣଜିତ କୁମାର ସାହୁ, ଉପେନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

■ ଆନ୍ଦୋଳନକାରୀଙ୍କୁ ପୋଲିସର ମାଡ଼ ଘଟଣା

## ୪ ସପ୍ତାହରେ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ବାରିପଦା ଅଫିସ,୧୬।୩**

ଆନ୍ଦୋଳନ ସମୟରେ ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି କର୍ମକର୍ତ୍ତାଙ୍କୁ ପୋଲିସର ମାଡ଼ ଘଟଣାର ଅଭିଯୋଗପତ୍ର ଜାତୀୟ ମାନବାଧିକାର କମିଶନ ଗ୍ରହଣ କରିବା ସହିତ ବିଚାର କରିଛନ୍ତି। ୪ ସପ୍ତାହ ମଧ୍ୟରେ ଉକ୍ତ ଘଟଣାର ରିପୋର୍ଟ ଦେବାକୁ ମୟୂରଭଞ୍ଜ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଶୁକ୍ରବାର ଅଭିଯୋଗକାରୀଙ୍କ ପକ୍ଷରୁ ମାନବାଧିକାର କର୍ମୀ ଶ୍ରୀକୁମାର ମହନ୍ତ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ୩୦ ଦିନ ମଧ୍ୟରେ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଉଲ୍ଲେଖ କରିଥିଲେ। ଏହା ସହ ପିଡ଼ିତମାନଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ଏବଂ ବାରିପଦା ଟାଉନ ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଥିଲେ। ବିଭିନ୍ନ ସମୟରେ ଅଭିଯୋଗକାରୀଙ୍କୁ ହଇରାଣ ହରକତ କରୁଥିବା ଟାଉନ ଥାନା ପୋଲିସ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ।

ସୂଚନାଯୋଗ୍ୟ ଯେ, ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ପକ୍ଷରୁ ଗତ ୫ ତାରିଖ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏପରିପ୍ରେକ୍ଷୀରେ ବାରିପଦା ସହର ସମେତ ମୟୂରଭଞ୍ଜ ଜିଲାରେ ମଧ ସମିତିର କର୍ମକର୍ତ୍ତାମାନେ ବନ୍ଦ ପାଳନ କରିଥିଲେ। ସମିତିର କର୍ମକର୍ତ୍ତାମାନେ ସକାଳୁ ସହର ସାରା ପିକେଟିଂ କରି ଦୋକାନ ବଜାର ବନ୍ଦ କରି ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହି ସମୟରେ ପୋଲିସ ସେମାନଙ୍କୁ ମାଡ଼ମାରିଥିବା ଅଭିଯୋଗ ହୋଇଥିଲା। ୬୦ ରୁ ୭୦ କର୍ମକର୍ତ୍ତାଙ୍କୁ ପୋଲିସ ଅଟକ ରଖିଥିଲା। ପ୍ରାୟ ୬୦ ଜଣଙ୍କୁ ଲକ୍ଷ୍ମୀପୋଷି ଫାଣ୍ଡିରେ ରଖିଥିବା ବେଳେ ୯ ଜଣଙ୍କୁ ବାରିପଦା ଟାଉନ ଥାନାରେ ଅଟକ ରଖାଯାଇଥିଲା। ଟାଉନ ଥାନାରେ ଅଟକ ଥିବା ୯ ଜଣଙ୍କୁ କଚେରି ମାକେଟ ନିକଟରୁ ପୋଲିସ ଉଠାଇ ବନ୍ଦ ପାଳନରୁ ନିବୃତ୍ତ ରହିବାକୁ କହି ମାଡ଼ମାରିଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ୯ ଜଣଙ୍କ ମଧ୍ୟରୁ କରମଜିତ ସିଂ ଓ ଗୁରୁଚରଣ ସିଂଙ୍କୁ ପୋଲିସ ମାଡ ମାରି ଲହୁ ଲୁହାଣ କରିଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ୯ ଜଣଙ୍କୁ ହାଜତ ଭିତରେ ରଖି ମାନସିକ ନିର୍ଯାତନା ମଧ୍ୟ ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ସନ୍ଧ୍ୟା ୭ଟା ବେଳେ ସାଦା କାଗଜରେ ଦସ୍ତଖତ କରାଇ ସେମାନଙ୍କୁ ଛଡ଼ା ଯାଇଥିଲା। ପରେ ଉପରୋକ୍ତ ଦୁଇଜଣ ଯୁବକ ବାରିପଦା ପିଆରଏମ ମେଡିକାଲ କଲେଜକୁ ଯାଇ ଚିକିତ୍ସିତ ହୋଇଥିଲେ। ଉଭୟଙ୍କ ଦେହ, ପିଚା, ଏବଂ ଜଙ୍ଘରେ ମାଡ଼ ଦାଗ ଥିବା ମଧ୍ୟ ସେମାନେ ଦେଖାଇଥିଲେ। ସେହିପରି ମୁର୍ଗାବାଡ଼ି ଛକରେ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କୁ ମଧ୍ୟ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା।

## ଦୋଳମଣ୍ଡପକୁ ବିଜେ କଲେ ଗୋପୀନାଥ ଦେବ: ଆଜି ଫଗୁ ଖେଳିବେ ରାଧାମାଧବ

**ଉଦଳା,୧୬।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଉଦଳା ବ୍ଲକ୍ ଅଧୀନ ସଂସ୍କୃତି ସଂପନ୍ନ ଡିହିରାକୁଳରେ ୪୯ତମ ଫଗୁ ମେଳଣ ଯାତ୍ରା ଆରମ୍ଭ ହୋଇଛି। ଏହା ୧୯ତାରିଖ ପର୍ଯ୍ୟନ୍ତ ଗାଁ ମୁଣ୍ଡସ୍ଥ ଦୋଳ ପଡ଼ିଆରେ ଧୁମ୍‌ଧାମରେ ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ଶଙ୍ଖଧ୍ୱନି, ରୋଷଣୀରେ ଗ୍ରାମବାସୀ ଗୋପୀନାଥ ଦେବଙ୍କୁ ମନ୍ଦିରରୁ ଦୋଳମଣ୍ଡପକୁ ବିଜେ କରାଇଛନ୍ତି। ରବିବାର ସକାଳ ୭ଟା ସମୟରେ ଦୋଳମଣ୍ଡପରେ ବସନ୍ତରାସ ଉତ୍ସବ, ମେଳଣ ପର୍ବ, ଅବିର ଖେଳ ସାଙ୍ଗକୁ ଶତାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହୋଇଛି। ତେବେ ଦୋଳମଣ୍ଡପକୁ ଗ୍ରାମର ଇଷ୍ଟଦେବଙ୍କ ସମେତ ପଡୋଶୀ ଜିଲା ବାଲେଶ୍ୱର ଏବଂ କପ୍ତିପଦା ଉପଖଣ୍ଡର ରାଧାମାଧବ ବିମାନ ଯୋଗେ ବିରାଜମାନ କରିଛନ୍ତି । ଏହି ଅବସରରେ ବସନ୍ତରାସ ଉତ୍ସବ ମଣ୍ଡପରେ ନାମ ସଂକୀର୍ତ୍ତନ, ଅବିର ଖେଳ ଏହି ମେଳଣ ପର୍ବକୁ ବେଶ୍ ଆକର୍ଷିତ କରିବ ବୋଲି ଦୋଳ କମିଟି ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି, ସଭାପତି ପ୍ରଦୀପ ପୃଷ୍ଟି, ଉପସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ସଂପାଦକ ସୁଶାନ୍ତ ପାତ୍ର, ସହ ସଂପାଦକ ଶ୍ରୀକାନ୍ତ ବେହେରା ପ୍ରକାଶ କରିଛନ୍ତି।

**୪୯ତମ ଫଗୁ ମେଳଣ ଯାତ ପାଇଁ ଉତ୍ସବମୁଖର ଡିହିରାକୁଳ ଗ୍ରାମ**



ଅବିର ଲଗାଇ ଫଗୁ ଦଶମୀ ପାଳନ କରୁଛନ୍ତି ଗ୍ରାମବାସୀ।

### ପୁତୁରା ଖଣ୍ଡା ଚୋଟରେ ବଡ଼ମା ମୃତ

**ରାଇରଙ୍ଗପୁର,୧୬।୩(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋରୁ ମହିଷାଣି ଥାନା ସମ୍ବାଡି ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରରେ ବଡ଼ମାଙ୍କୁ ପୁତୁରା ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ସମ୍ବାଡ଼ିର ରାଇମଣି କାଳନ୍ଦୀ ଏବଂ ଅଭିଯୁକ୍ତ ପୁତୁରା ଧ୍ରୁବ କାଳନ୍ଦୀ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚହଳ ପଡ଼ିଥିଲା। ରାଇମଣିଙ୍କ ଘର ଲୋକେ ଏବଂ କିଛି ଗ୍ରାମବାସୀ ମିଶି ଅଭିଯୁକ୍ତ ଧ୍ରୁବଙ୍କୁ ନିସ୍ତୁକ ମାଡ଼ମାରି ପୋଲିସରେ ଜିମାଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ଖୋଳତାଡ଼ କରିଥିଲା। ଏ ସଂକ୍ରାନ୍ତରେ ପୋଲିସ ମାମଲା (ନଂ. ୧୬।୧୯) ରୁଜୁକରି ଗୁରୁତର ଅଭିଯୁକ୍ତ ଧ୍ରୁବଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଛି।

### ଚୋରାକାଠ ବୋଝେଇ ଗାଡ଼ି ଜବତ

**ଚାନ୍ଦବାଲି,୧୬।୩(ଡି.ଏନ.ଏ)-** ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର କରଣପଲ୍ଲୀରୁ ଏକ ଚୋରାକାଠ ବୋଝେଇ ପିକଅପ୍ ଗାଡ଼ିକୁ ବନ ବିଭାଗ ଜବତ କରିଛି। ଡ୍ରାଇଭର ଫେରାର ହୋଇଯାଇ ଥିବାବେଳେ ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଗାଡ଼ି ବାସୁଦେବପୁରରୁ ଧାମରା ଆଡକୁ ଆସୁଥିଲା। ଏଥିରେ ପ୍ରାୟ ୬୦ ସିଫ୍ଟ ସାଇଜ ନନଶାଳ କାଠ ଥିଲା। କରଣପଲ୍ଲୀରେ ଜବତ କରି କରଞ୍ଜମାଳ ଫରେଷ୍ଟ ବିଟ ଅଫିସକୁ ନେଉଥିବା ବେଳେ ରାସ୍ତାରେ ଗାଡ଼ି ଛାଡ଼ି ଡ୍ରାଇଭର ଓ କାଠ ବେପାରୀ ଫେରାର ହୋଇଯାଇଥିଲେ।

■ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ

## ନିର୍ବାଚନ ପରେ ରି-ବୋରିଂ

**ରୂପ୍‌ସା,୧୬।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ରାଉତପଡ଼ାଠାରେ ଥିବା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ଶୁକ୍ରବାର ଗ୍ରାମବାସୀ ବିରୋଧ କରିଛନ୍ତି। ଫଳରେ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପକ୍ଷରୁ ୪ବର୍ଷ ଧରି ଅଚଳ ଥିବା ଏଠାକାର ପ୍ରକଳ୍ପଠାରେ ରି-ବୋରିଂ ପାଇଁ ଅଣାଯାଇଥିବା ମେଶିନ୍ ଓ ସରଞ୍ଜାମ ସବୁକୁ ସମ୍ପୃକ୍ତ ଠିକାଦାର ଫେରାଇ ନେବା ପାଇଁ ବାଧ ହୋଇଛନ୍ତି। ବିଭାଗୀୟ ଜେଇ ଚିତ୍ତରଞ୍ଜନ ପାତ୍ର ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ହେଁ ବିଫଳ ହୋଇଛନ୍ତି। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ବିଭାଗୀୟ ତତ୍ପରତାକୁ ସାମାଜିକ କର୍ମୀ ଅସୀମ ଦାସ, ଗ୍ରାମବାସୀ ଶ୍ରୀନିବାସ ରାଉତ, ଗୌରାଙ୍ଗ ଦଳେଇ, ଅଜୟ ବେହେରା, ଗଙ୍ଗାଧର ରାଉତ, ବାସୁଦେବ ହାଁସଦା, ରାଧାକୃଷ୍ଣ ରାଉତ ପ୍ରମୁଖ ବିରୋଧ କରି ରି-ବୋରିଂ ହେବାକୁ ମନା କରିଥିଲେ। ଫଳରେ ନିର୍ବାଚନ ପରେ କାର୍ଯ୍ୟାରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ପାନୀୟ ଜଳ ପ୍ରକଳ୍ପ ୨୦୧୧ ମସିହାରେ ନିର୍ମାଣ ହୋଇଥିଲା। ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ୱାର୍ଡ଼କୁ ପାଇପ ଲାଇନ୍ ମାଧ୍ୟମରେ ଜଳଯୋଗାଣ ହେଉଥିଲା। ମାତ୍ର ୨୦୧୫ ମସିହାଠାରୁ ଏହା ଅଚଳ ହେବାରୁ ଗ୍ରାମବାସୀ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ ଅଚଳ ପ୍ରକଳ୍ପକୁ ସଚଳ କରିବା ଦିଗରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଗାଁକୁ ଯାଇଥିବା ଷ୍ଟାଣ୍ଡପୋଷ୍ଟ ସବୁ ନାହିଁ କି ପାଇପଲାଇନ୍ ସୁବିଧା ମଧ୍ୟ ନାହିଁ। ଏଭଳି ପରିସ୍ଥିତିରେ ହଠାତ୍ ବିଭାଗ ପକ୍ଷରୁ ଆଡିଶନାଲ ସୋର୍ସ ଦ୍ୱାରା ଷ୍ଟେଟପ୍ଲାନ ଅପରେଶନ ମେଣ୍ଟେନାନ୍ସ ମାଧ୍ୟମରେ ଦେଢ଼ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ରି-ବୋରିଂ କରାଯାଇ ପାନୀୟଜଳ ଯୋଗାଣ କରାଯିବ ବୋଲି ଜେଇ ପାତ୍ର କହିଛନ୍ତି। ଗ୍ରାମବାସୀଙ୍କ ବିରୋଧ ଯୋଗୁ ନିର୍ବାଚନ ପରେ ଏହି କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।



ଗ୍ରାମବାସୀଙ୍କ ସହ ଆରଡ଼ବ୍ଲ୍ୟୁଏସ୍‌ଏସ୍ ଜେଇଙ୍କ ଆଲୋଚନା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୧୯ Balasore, Sunday, March 17/ 2019

## ■ ମହିଳା ସରପଞ୍ଚଙ୍କୁ ଟାଟା ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

ଯୋଡ଼ା, ୧୬।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଅବସ୍ଥିତ ଟାଟା କମ୍ପାନୀର ଖଣ୍ଡବନ୍ଧ ଖଣିରେ କାର୍ଯ୍ୟକରୁଥିବା ଅଧିକାରୀଙ୍କ ବିରୋଧରେ ହୋଇଛି ଅସଦାଚରଣ ଓ ଜାତିଆଣ ଆକ୍ଷେପ ଅଭିଯୋଗ। ଏହି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଜଜାଙ୍ଗ ପଞ୍ଚାୟତର ସରପଞ୍ଚ ରତ୍ନମଣି ନାଏକ। ବମେବାରୀ ଥାନାରେ ଗତ ଡିସେମ୍ବର ମାସରେ ଅଭିଯୋଗ ହୋଇଥିଲେ ସୁଦ୍ଧା ମାମଲା ରୁଜୁ ହୋଇଛି ଗତ ଫେବୃୟାରୀ ୬ତାରିଖରେ। ଆଇପିସି ଦଫା ୩୪୧, ୩୨୩, ୨୯୪, ୩୫୪, ୩୭୯, ୫୦୬/୩୪ ଆଇପିସି ଓ ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟର ଦଫା ୩ରେ ଟାଟା କମ୍ପାନୀର ଜେନେରାଲ୍ ମ୍ୟାନେଜର ମନୀଷ୍ ମିଶ୍ର ଓ ଅନ୍ୟମାନଙ୍କ ବିରୋଧରେ ମାମଲା(୨୪/୨୦୧୯)ରୁଜୁ ହୋଇଛି। ଏହି ମାମଲାର ତଦନ୍ତଭାର କେନ୍ଦୁଝର ଡିଏସ୍‌ପି ପ୍ରକାଶ ଜେମ୍‌ସ ଟପ୍ପୋ ନେଇଛନ୍ତି। କିନ୍ତୁ ଏଯାବତ୍ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅପରପକ୍ଷରେ ଏହି

### ନ୍ୟାୟ ଅପେକ୍ଷାରେ ଅଞ୍ଚଳବାସୀ

ଘଟଣାରେ ଟାଟା କମ୍ପାନୀ ପକ୍ଷରୁ ହୋଇଥିବା ଏକ ମାମଲାରେ ଇତିମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ମହିଳାଙ୍କୁ ଅସଦାଚରଣ କରିଥିବା କମ୍ପାନୀର ଅଧିକାରୀଙ୍କୁ ଗିରଫ କରା ନ ଯିବା ପୋଲିସର ପକ୍ଷପାତିତା ନୀତିକୁ ସୂଚାଉଛି। ଟାଟା କମ୍ପାନୀର ଅଧିକାରୀ ହୋଇଥିବାରୁ ସେମାନଙ୍କ ବିରୋଧରେ ପୋଲିସ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ ବୋଲି ଅଭିଯୋଗକାରିଣୀ ପ୍ରକାଶ କରିଛନ୍ତି। ସେପଟେ ଅଭିଯୁକ୍ତଙ୍କ ଗିରଫ ସମ୍ପର୍କରେ ପୋଲିସକୁ ପଚାରିଲେ ପୋଲିସ ମୁହଁ ମଧ୍ୟ ଖୋଲୁନାହିଁ।

ଅଭିଯୋଗ ଅନୁଯାୟୀ ଜଜାଙ୍ଗ ସରପଞ୍ଚ ରତ୍ନମଣି ନାଏକ ଗତ ୬।୧୨।୨୦୧୮ରେ ଜଜାଙ୍ଗ ପଞ୍ଚାୟତର କିଛି ସ୍ଥାନୀୟ ଅଧିବାସୀଙ୍କୁ ନେଇ ଟାଟା କମ୍ପାନୀର ଖଣ୍ଡବନ୍ଧ ଲୌହଖଣିକୁ ଯାଇଥିଲେ। ୨୦୧୧ରେ କମ୍ପାନୀ ସହିତ ନିଯୁକ୍ତି, ପରିବହନ ନେଇ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ସେମାନେ ଶୃଙ୍ଖଳାର ସହିତ କମ୍ପାନୀର ଖଣି ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ। ତେବେ ଖଣିରେ କାର୍ଯ୍ୟରତ ଥିବା ସିକ୍ୟୁରିଟି ସଂସ୍ଥାର ମ୍ୟାନେଜର ଲମ୍ବୋଦର ମହାନ୍ତ ସେମାନଙ୍କୁ ଅଟକାଇଥିଲେ। ସରପଞ୍ଚ ରତ୍ନମଣି ଖଣିର ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଆସିଛୁ ବୋଲି କହିବାରୁ ସିକ୍ୟୁରିଟି ମ୍ୟାନେଜର କ୍ରୋଧାନ୍ୱିତ ହୋଇ ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ଏହାପରେ ଅନ୍ୟ ସୁରକ୍ଷାକର୍ମୀମାନେ ଆସି ସରପଞ୍ଚ ଓ ତାଙ୍କ ଲୋକଙ୍କୁ ବିଧା ଓ ଲାଠିରେ ଆକ୍ରମଣ କରି ଖଣ୍ଡିଆଖାବରା କରି ଦେଇଥିଲେ। ଏହି ସମୟରେ ଟାଟାକମ୍ପାନୀର ଜିଏମ୍ ମନୀଶ ମିଶ୍ର ଓ ତାଙ୍କ ସହିତ ଅଧିକାରୀ ଦେବାଶିଷ ମୁଖାର୍ଜୀ, ଲିଆସନିଂ ଅଫିସର ଏସ୍, ପି. ସିଂ, ଅଞ୍ଜନ ପାତ୍ର, ସିକ୍ୟୁରିଟି ଇନଚାର୍ଜ ବିଭୁତି ଭୂଷଣ ବେହେରା ସେଠାରେ ପହଞ୍ଚି ମାଡ଼ ମାରୁଥିବା ସୁରକ୍ଷାକର୍ମୀଙ୍କୁ ବାରଣ କରିବା ପରିବର୍ତ୍ତେ ଏଠାକୁ ଯିଏ ଆସୁଛି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହିତ ତୁମ କଥା ବୁଝିବା ପାଇଁ ଟାଟା କମ୍ପାନୀ ଅଛି ବୋଲି କହିଥିଲେ। ଆଦିବାସୀ ହରିଜନ ଲୋକେ ଆମ୍ଭମାନଙ୍କୁ କ'ଣ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ। ଏହା ଶୁଣି ସୁରକ୍ଷାକର୍ମୀମାନେ ଆହୁରି ଉତ୍ସାହିତ ହୋଇ ଲୋକମାନଙ୍କୁ ନିର୍ଦ୍ଦୟ ଭାବେ ପ୍ରହାର କରିଚାଲିଥିଲେ ଏବଂ ମହିଳାମାନେ ପିନ୍ଧିଥିବା ସୁନା ଚେନ, ସୁନା କାନଫୁଲ ଛଡ଼ାଇ ନେଇଥିଲେ। ତେବେ ବହୁ କଷ୍ଟରେ ଲୋକମାନେ ତାଙ୍କ କବଳରୁ ମୁକୁଳି ଦୌଡ଼ି ପଳାଇଥିଲେ। ଏହି ଘଟଣା ସମ୍ପର୍କରେ ସେମାନେ ସ୍ଥାନୀୟ ବାମେବାରୀ ଥାନାକୁ ଜଣାଇଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଓଲଟା ଟାଟା କମ୍ପାନୀ ପକ୍ଷରୁ ହୋଇଥିବା ମାମଲାରେ ପୋଲିସ ମାଡ଼ ଖାଇଥିବା ଲୋକଙ୍କୁ ଗିରଫ କରିଥିଲା। ଅଭିଯୋଗ ସତ୍ତ୍ୱେ ବାମେବାରୀ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନର୍ବାର ସରପଞ୍ଚ ରତ୍ନମଣି ଲିଖିତଭାବେ କେନ୍ଦୁଝର ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ବାମେବାରୀ ଥାନାରେ ଏନେଇ ଗତ ଫେବୃୟାରୀ ୬ତାରିଖରୁ ମାମଲା ରୁଜୁ ହୋଇଥିଲେ ହେଁ ଏଯାବତ୍ ଟାଟାଷ୍ଟିଲର ଅଧିକାରୀ ଓ ସୁରକ୍ଷାକର୍ମୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରି କି ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦୁଝର ଡିଏସ୍‌ପି ଟପ୍ପୋ ଅଭିଯୋଗକାରିଣୀ କିମ୍ବା ମାଡ଼ ଖାଇଥିବା ଲୋକଙ୍କୁ ପଚରାଉଚରା କରି ନାହାନ୍ତି। ଏସଂକ୍ରାନ୍ତରେ ଯୋଡ଼ାସ୍ଥିତ ଟାଟାଷ୍ଟିଲ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ସୁନୀଲ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ଛୁଟିରେ ଥିବା କହିଛନ୍ତି। ପୋଲିସ ପ୍ରଶାସନ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଏକ ବୈପ୍ଳବିକ ହିଂସାତ୍ମକ ରୂପ ନେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ପୋଖରୀରେ ବୁଡି ଶିଶୁ କନ୍ୟା ମୃତ

ଖଇରା, ୧୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଟାଗଡିଆ ଗ୍ରାମର ଗୋପାଳ ପାତ୍ରଙ୍କର ୨ବର୍ଷର ଶିଶୁ କନ୍ୟା ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ଉକ୍ତ ପୋଖରୀରେ ଶିଶୁ କନ୍ୟା ଭାସୁଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି।

## ଦୁଇ ୱାରେଣ୍ଟି ଗିରଫ

ପାଟଣା, ୧୬।୩(ସ୍ୱ.ପ୍ର.)

ଡୁରୁମୁଙ୍ଗା ପୋଲିସ ଶନିବାର କଣ୍ଟିଆପଡ଼ା ଗ୍ରାମର ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫଦ୍ୱୟ ହେଲେ କଣ୍ଟିଆପଡା ଗ୍ରାମର ଗୁରୁଚରଣ ବେହେରା ଓ ଘନଶ୍ୟାମ ବେହେରା। ୨୦୧୪ ମସିହାର ଏକ ମାମଲାରେ ଉଭୟଙ୍କ ନାମରେ କୋର୍ଟ ୱାରେଣ୍ଟ ରହିଥିଲା।






## ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ ଜାରି

ବାଲେଶ୍ୱର ଅଫିସ, ୧୬।୩

ବାଲେଶ୍ୱର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର ଟିମ୍ ସହଯୋଗରେ ଶନିବାର ପୂର୍ବାହ୍ନ ସମୟରେ ଆଇଟିଆଇସ୍ଥିତ କେତେକ ହୋଟେଲ୍, ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରାଯାଇ ୧୫କେଜି ବାସି ଖାଦ୍ୟ ସହ ୨କେଜିରୁ ଅଧିକ ବିକ୍ରି ନିଷେଧ ରଙ୍ଗ ଓ ରୋଷେଇ ବ୍ୟବହୃତ ବିଭିନ୍ନ ମସଲା, ପୋଡ଼ା ତେଲ ନଷ୍ଟ କରିଦିଆଯାଇଛି। ଓଟି ରୋଡ୍‌ରେ ନନା ହୋଟେଲ୍ ବିନା ଫୁଡ୍ ଲାଇସେନ୍ସରେ ଚାଲୁଥିବା ବେଳେ ଅଧିକ ବାସି ଖାଦ୍ୟ ଏବଂ ବେଆଇନ ରଙ୍ଗ ବ୍ୟବହାର କରୁଥିବା ଜିଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ଅନୁଶ୍ରୀ ଖଟୁଆ ପ୍ରକାଶ କରିଛନ୍ତି। ରାସାୟନିକ ପରୀକ୍ଷକ (ଭୁବନେଶ୍ୱର) ପତିତପାବନ ମହାପାତ୍ର, ନମୁନା ସଂଗ୍ରାହକ (ଭୁବନେଶ୍ୱର) ପ୍ରମୋଦ କୁମାର, ବହୁମୁଖୀ ସ୍ୱାସ୍ଥ୍ୟ ନୀରିକ୍ଷକ ଗଦାଧର ବେହେରା, କର୍ମଚାରୀ ନିତ୍ୟାନନ୍ଦ ପତି ପ୍ରମୁଖ ପୂର୍ବ ପ୍ରସ୍ତୁତ ଅନୁସାରେ ଚଢ଼ାଉ କରିଥିଲେ। ଜାଇକା ଇଣ୍ଟରନ୍ୟାଶନାଲ, ହରିପ୍ଲାଜା, ସାଘାଇ, ପକୱାନ, ରତ୍ନା ହୋଟେଲ୍ ଉପରେ ଚଢ଼ାଉ କରି ଉପରୋକ୍ତ ଦ୍ରବ୍ୟକୁ ନଷ୍ଟ କରି ଦିଆଯାଇଛି। ବାଲେଶ୍ୱର ଜିଲାରେ ୪୦ହଜାରରୁ ଊର୍ଦ୍ଧ୍ୱ ଫୁଡ୍ ଲାଇସେନ୍ସ ପ୍ରଦାନ କରାଯାଇଛି। ବିକ୍ରି ନିଷେଧ ରଙ୍ଗ ଓ ରୋଷେଇରେ ବ୍ୟବହୃତ ବିଭିନ୍ନ ମସଲା ଦ୍ୱାରା ଲୋକମାନେ କ୍ୟାନ୍‌ସର ରୋଗରେ ପୀଡ଼ିତ ହେବାର ଆଶଙ୍କା ରହିଛି ବୋଲି ଜିଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ଖଟୁଆ କହିଛନ୍ତି।











## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଚମ୍ପୁଆ, ୧୬।୩ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ମଙ୍ଗଳ ମୁଣ୍ଡାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜମିବାଡି ବିବାଦକୁ ନେଇ ଅଭିଯୁକ୍ତ କକା ପୁଅ ଭାଇ କୁନାଲ ଚନ୍ଦ୍ରମୋହନ ବବଙ୍ଗାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବଡବିଲ ଥାନା ପୋଲିସ ତଦନ୍ତ ଚଳାଇ ଏକ ମାମଲା( ନଂ୨୦୫/ତା ୨୪।୧୦।୨୦୧୫ରିଖ) ରୁଜୁ କରିଥିଲା। କୋର୍ଟରେ ରୁଜୁ

### କକାପୁଅ ଭାଇଙ୍କୁ ହତ୍ୟା ମାମଲା

କେସ ନଂ ୧୭/୨୦୧୬ ଅନୁଯାୟୀ ୧୬ ଜଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ତଥ୍ୟପ୍ରମାଣ ଆଧାରରେ ବିଚାରପତି ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ମକଦ୍ଦମା ବିବରଣୀ ଅନୁଯାୟୀ କୁନାଲ ଚନ୍ଦ୍ରମୋହନଙ୍କ ମା ଓ ଭଉଣୀ ଘଟଣାଦିନ ଘରେ ନ ଥିବାର ସୁଯୋଗ ନେଇ ଟଣ୍ଟୋ ଗ୍ରାମର ମଙ୍ଗଳ ମୁଣ୍ଡା କୁନାଲ ଚନ୍ଦ୍ରମୋହନଙ୍କୁ ତର୍ଣ୍ଣିଚିପି ପରେ ପଥରରେ ଛେଚିବା ସହ ବାଡିରେ ପିଟି ହତ୍ୟା କରିଥିଲେ।






## ଜୁଆ ଆଡ୍ଡା ଚଢ଼ାଉ: ୫ ଗିରଫ, ସାମଗ୍ରୀ ସହ ଟଙ୍କା ଜବତ

ତିହିଡ଼ି/ ବାସୁଦେବପୁର, ୧୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ପାଳିଆ ବଜାର ଓ ବାସୁଦେବପୁରର ଚୂଡ଼ାମଣି ସାମୁଦ୍ରିକ ଥାନା ଅଧୀନ ଜେଟିକୁ ସଂଯୋଗ କରୁଥିବା ରାସ୍ତା ନିକଟ ଶୀତଳାମନ୍ଦିର ପଛପାଖ ଚୂଡାମଣି ଆଡ଼ିଆବିଲରେ ଜୁଆ ଆଡ୍ଡା ଉପରେ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ଏଥିସହ ପୋଲିସ ଜୁଆ ସାମଗ୍ରୀ ସହ ଟଙ୍କା ଜବତ କରିଛି। ପାଳିଆହାଟ ମାଛବଜାର ନିକଟରେ ନିୟମିତ ଜୁଆଆଡ୍ଡା ଚାଲିଥିବା ଖବର ପାଇ ତିହିଡ଼ି ଥାନା ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଗିରଫ ୨ ଜୁଆଡ଼ିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଜିଝାରପୁର ଗ୍ରାମର ଟୁଟୁ ମଳିକ ଓ ପାଳିଆ ଗ୍ରାମର ରାମଚନ୍ଦ୍ର ଦାସ। ସେମାନଙ୍କଠାରୁ ପୋଲିସ ୧୨୪୦ ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୫/୧୯) ରୁଜୁ କରାଯାଇଛି। ସେହିପରି ବାସୁଦେବପୁର ଚୂଡାମଣି ଆଡ଼ିଆ ବିଲରେ ଜୁଆ ଖେଳ ଚାଲିଥିବା ବେଳେ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ଚୂଡାମଣି ଆଡିଆ ଅଞ୍ଚଳର ପ୍ରଶାନ୍ତ ମଳିକ, ହେମନ୍ତ ମଳିକ ଓ ସୁଦର ମାଝି। ପୋଲିସ ସେମାନଙ୍କଠାରୁ ଜୁଆ ଖେଳ ସାମଗ୍ରୀ ସହ ୧୧୫୦ ଟଙ୍କା ଜବତ କରିଛି। ଏହି ଘଟଣାରେ ଥାନାରେ ଏକ ମାମଲା (ନଂ.୧୨/୧୯) ରୁଜୁ କରାଯାଇଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



## ସମାଜସେବୀ ଇଂ. ଚନ୍ଦ୍ରମୌଳୀ ସମ୍ମାନିତ

**ଆନନ୍ଦପୁର/ ହାଟଡିହୀ, ୧୬।୩(ସ୍ୱ.ପ୍ର./ ଡି.ଏନ୍.ଏ.)**- ସଡକ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ସମାଜସେବୀ ଇଂ ଚନ୍ଦ୍ରମୌଳୀ ମହାନ୍ତି ସମ୍ମାନିତ ହୋଇଛନ୍ତି। ଦୁଇ ଚକିଆ ଯାନ ଚଳାଇବା, ଦୁର୍ଘଟଣାରୁ ନିଜକୁ ରକ୍ଷା କରିବା, ଗାଡି ଚଳାଇବା ବେଳେ ବ୍ୟକ୍ତିଗତ ସୁରକ୍ଷା ପାଇଁ ବ୍ୟବହାର କରାଯାଉଥିବା ଉପକରଣ ବିଷୟରେ ଲୋକଙ୍କୁ ସେ ଅବଗତ କରାଇଆସୁଥିଲେ। ଏପରି କି ଦ୍ରୁତ ଗତିରେ ଚଳାଉଥିବା ଯାନ କିପରି ଦୁର୍ଘଟଣାରୁ ବର୍ତ୍ତି ପାରିବ ତାହାର କୌଶଳ ମଧ ସେ ଶିଖାଉଥିଲେ। ସମାଜସେବୀ ଚନ୍ଦ୍ରମୌଳୀଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ନାହା ଗ୍ରାମରେ । ସେ ଦିଲ୍ଲୀରେ ଯୁବ ଇଂଜିନିୟର ଭାବେ କାର୍ଯ୍ୟକରି ସମାଜସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବହୁ ସମୟରେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ବିଶ୍ୱ ସୁରକ୍ଷା ଦିବସ ଅବସରରେ ଦୁଇ ଚକିଆ ଯାନ ଉତ୍ପାଦନ କ୍ଷେତ୍ରରେ ସାରା ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହିରୋ ମଟୋ କର୍ପୋରେସନ୍ ପକ୍ଷରୁ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଏବେ ସଡକ ଦୁର୍ଘଟଣା ଯୋଗୁ ବର୍ଷକୁ ଦେଢ ଲକ୍ଷରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡୁଥିବାରୁ ଚନ୍ଦ୍ରମୌଳୀ ଏନେଇ ସଚେତନତା ସୃଷ୍ଟି ପ୍ରୟାସକୁ ଜୋରଦାର କରିଥିବା କହିଛନ୍ତି।

## କାରଖାନା ଲାଗି ଜମି ହରାଇ ଦୁର୍ଦ୍ଦିନରେ ଦିବ୍ୟାଙ୍ଗ ସୁରେଶ

**ରାଇସୁଆଁ, ୧୬।୩(ଡି.ଏନ.ଏ.)**- କାରଖାନା ଲାଗି ଜମି ହରାଇ ପ୍ରତାରଣାର ଶିକାର ହୋଇଥିବା ଜିଲା ସଦର ବ୍ଲକର ମଦରଙ୍ଗାଯୋଡି ଗ୍ରାମର ଦିବ୍ୟାଙ୍ଗ ସୁରେଶ ଖୁଣ୍ଟିଆଙ୍କ ପରିବାର ଏବେ ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ସୁରେଶ କହିଛନ୍ତି ଯେ, ଏଠାରେ କାରଖାନା ବସାଯିବା ବେଳେ କର୍ତ୍ତୃପକ୍ଷ ତାଙ୍କ ଚାଷଜମିକୁ ଶାଗମାଛ ଦରରେ କିଣି ନେଇଥିଲେ। କାରଖାନା ନିର୍ମାଣ ସରିଲେ ତାଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାମଧରେ ୧୦ବର୍ଷ ଗତ ହେଲାଣି ଅଥଚ ତାଙ୍କୁ ନିଯୁକ୍ତି ମିଳିଲା ନାହିଁ। ଏ ସମ୍ପର୍କରେ ସେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ପାଇଥିବା ପ୍ରତିଶ୍ରୁତି କଥାରେ ସୀମିତ ରହିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଗୁହାରି କଲେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଆଗରୁ ନିଜ ଜମିରେ ଚାଷ କରି ସେ ପରିବାର ଚଳାଉଥିଲେ। ଜମି ହରାଇବା ପରଠାରୁ ତାଙ୍କ ସ୍ତ୍ରୀ ପର ଘରେ କାମ କରି ଦୁଇ ପିଲାଙ୍କୁ ଆହାର ଯୋଗାଉଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହି ଅଭିଯୋଗ ପ୍ରତି ଦୃଷ୍ଟି ଦେଇ ଦିବ୍ୟାଙ୍ଗ ସୁରେଶଙ୍କୁ କାରଖାନାରେ ନିଯୁକ୍ତି ଦେବାକୁ ସ୍ଥାନୀୟ ଜନସାଧାରଣ ମଧ ଦାବି କରିଛନ୍ତି।

## ରାସ୍ତା ଦୁର୍ଘଟଣା: ମୃତାହତଙ୍କ ପରିଚୟ ମିଳିଲା

**ଯୋଡ଼ା,୧୬।୩(ଡ଼ି.ଏନ.ଏ.)**- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପଳାସପଙ୍ଗା ବାମେବାରୀ ରାସ୍ତାର ମଲଦା ନିକଟସ୍ଥ ବାମୁଡିହାଠାରେ ଶୁକ୍ରବାର ଏକ ଡମ୍ପର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଡମ୍ପର ହେଲପର ଓ ଡ୍ରାଇଭର ଗୁରୁତର ଆହତ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡମ୍ପର ହେଲପରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡ୍ରାଇଭରଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ପୋଲିସ ତଦନ୍ତ ପରେ ମୃତକଙ୍କ ନାମ ରଥ ମୁଣ୍ଡା ଏବଂ ଆହତ ଡ୍ରାଇଭରଙ୍କ ନାମ କାଳିଆ ମୁଣ୍ଡା ବୋଲି ଜଣାପଡିଥିଲା। ପର୍ଜନପୁର ରେଳ ସାଇଡିଂରେ ଖଣିଜ ପଥର ଖଲାସ କରି ଉକ୍ତ ଡମ୍ପର ବାମେବାରୀ ଫେରୁଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଡମ୍ପର(ନଂ. ଓଆର ୦୯ ଏଫ ୯୫୭୫)କୁ ଜବତ କରି ଅଧିକ ତଦନ୍ତ କରାଯାଉଥିବା ବାମେବାରୀ ଥାନା ପୋଲିସ ସୂଚନା ଦେଇଛି ।

# ତଳବୈତରଣୀରୁ ନୂଆଦିଲ୍ଲୀ...

### ଦୈତାରି ନାୟକଙ୍କୁ ମିଳିଲା ପଦ୍ମଶ୍ରୀ ସମ୍ମାନ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୬।୩**



କଷ୍ଟ କଲେ କୃଷ୍ଣ ମିଳେ । ତଳ ବୈତରଣୀ ଗାଁ ପାହାଡିଆ ଅଞ୍ଚଳର ଚାଷୀ ତଥା ସମାଜସେବୀ ଦୈତାରି ନାୟକ ଏହି ଉକ୍ତିର ସାର୍ଥକତାକୁ ପ୍ରମାଣିତ କରି ଦେଖାଇ ପାରିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ପାହାଡି ଉପରୁ ତଳଯାଏ ୩ କି.ମି. ଦୂର କେନାଲ ଖୋଳି ଝରଣା ପାଣିକୁ ଆଣି ଜମିରେ ମଡାଇ ଚାଷ କାର୍ଯ୍ୟ କରି ସେ ଚର୍ଚ୍ଚାକୁ ଆସିଥିଲେ। ଏହି କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ଶନିବାର ରଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ତାଙ୍କୁ ମିଳିଛଇ ଦେଶର ଅନ୍ୟତମ ସର୍ବଶ୍ରେଷ୍ଠ ବେସାମରିକ ପୁରସ୍କାର 'ପଦ୍ମଶ୍ରୀ' ଉପାଧି ।

ଏହି ଉପାଧି ଗ୍ରହଣ ଅବସରରେ ଧରିତ୍ରୀ ପକ୍ଷରୁ ଫୋନ ଯୋଗେ ତାଙ୍କ ପ୍ରତିକ୍ରିୟା ଜାଣିବାକୁ ଯୋଗାଯୋଗ କରାଯାଇଥିଲା। ୬୫ ବର୍ଷିୟ ଏହି ବ୍ୟକ୍ତିଙ୍କ ଖୁସି ତାଙ୍କ ବକ୍ତବ୍ୟରୁ ବାରି ହୋଇପଡୁଥିଲା । ସେ କହିଥିଲେ, ଭଲ କାମ କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ପ୍ରଶାସନ ସହାୟତାରେ ସେ ଏରୋପ୍ଲେନରେ ଆସି ଦିଲ୍ଲୀରେ ପହଞ୍ଚି ବହୁ ସ୍ଥାନ ବୁଲିଛନ୍ତି। ପୁଅ ପ୍ରଦୀପ ତାଙ୍କ ସହିତ ଦିଲ୍ଲୀ ଯାଇଛନ୍ତି। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ମିଶିବା ଓ କଥା ହେବାଲାଗି ତାଙ୍କୁ ସୁଯୋଗ ମିଳିଛି। ପ୍ରଥମ ଥର ପାଇଁ ଏରୋପ୍ଲେନରେ ବସିବା ଅନୁଭୂତି ଓ ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନ ସମେତ ଇଣ୍ଡିଆଗେଟ ଆଦି ଦର୍ଶନୀୟ ସ୍ଥାନ ବୁଲିବାର ନିଆରା ଅନୁଭୂତି ସେ ବ୍ୟକ୍ତ କରିଥିଲେ । ମନର କିଛି ଭୟ ନ ଥିଲା । କିପରି ପୁରସ୍କାର ଗ୍ରହଣ କରିବେ ସେ ନେଇ ପୂର୍ବଦିନ ଅଭ୍ୟାସ କରାଯାଇଥିଲା ବୋଲି ସେ କହିଥିଲେ।

ଦୈତାରିଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ପଞ୍ଚାୟତର ତଳ ବୈତରଣୀ ଗାଁରେ । ତାଙ୍କର ସ୍ତ୍ରୀ, ୩ ଝିଅ, ପୁଅ ଅଛନ୍ତି । ପ୍ରଥମେ ଅଣଜଳ ସେଚିତ ଇଲାକାରେ ନିଜ ଚାଷ ଜମିକୁ ଝରଣା ପାଣି ମଡାଇବା ପରିକଳ୍ପନା କରି କେନାଲ ଖୋଳା ଆରମ୍ଭ କରିଥିଲେ। ବହୁ କଷ୍ଟ କରି ଅନ୍ୟ ଗ୍ରାମବାସୀଙ୍କ ସହଯୋଗରେ ଜମିକୁ କେନାଲ ପାଣି ମଡାଇ ସେ ଧାନ, ପନିପରିବା ଆଦି ଚାଷ କରି ଉତ୍ପାଦନ ବଢାଇ ପାରିଥିଲେ। ଏଥିରେ ପରିବାର ଚଳାଇବାକୁ ସେ ସମର୍ଥ ହୋଇଥିଲେ। ଗ୍ରାମର ପାଖାପାଖି ୩୦ ପରିବାର ଏହି କେନାଲ ଦ୍ୱାରା ଉପକୃତ ହେଉଛନ୍ତି। ଉକ୍ତ କେନାଲ ବ୍ୟବସ୍ଥାକୁ ସୁଦୃଢ କରିବା ସହ କ୍ରସ ବନ୍ଧ ନିର୍ମାଣ କରାଗଲେ ଚାଷୀ ଅଧିକ ଲାଭବାନ ହୋଇପାରବେ ବୋଲି ସେ କହିଛନ୍ତି।

ଦୈତାରିଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ ବୋଲି ଘୋଷଣା ପରେ ତାଙ୍କ ଗ୍ରାମକୁ ବହୁ ବିଶିଷ୍ଟ ବ୍ୟକ୍ତି ଯାଇଥିଲେ। ସମସ୍ତେ ତାଙ୍କ କଥା ଶୁଣି ଫେରିଛନ୍ତି। ଅଦ୍ୟାବଧି ସ୍ଥାୟୀ କେନାଲ ତଥା କ୍ରସବନ୍ଧ ନିର୍ମାଣ ହୋଇ ପାରି ନ ଥିବାରୁ ସେ କ୍ଷୋଭ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ତାଙ୍କୁ କୌଣସି ଆର୍ଥିକ ସହାୟତା ମିଳିନାହିଁ । ତେବେ ଘରଟିଏ ମିଳିଥିଲା। ଚିକିତ୍ସା ବାବଦକୁ ଅର୍ଥ ଖର୍ଚ୍ଚ ହୋଇଯିବାରୁ ସେ ଘର ନିର୍ମାଣ ଶେଷ କରି ପାରି ନ ଥିବା କହିଥିଲେ।



କୁଆପଥର ମାଡ଼ରେ ପରିବା ଚାଷ ନଷ୍ଟ ହୋଇଛି।

## କୁଆପଥର ଉଜାଡ଼ିଲା ପରିବା ଫସଲ

### ଚମ୍ପୁଆ ଅଞ୍ଚଳରେ ଅଦିନିଆ ବର୍ଷା, ବ୍ୟାପକ କ୍ଷୟକ୍ଷତି

**ଚମ୍ପୁଆ, ୧୬।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ଝଡ଼ ପ୍ରଭାବରେ ଅଦିନିଆ ବର୍ଷା ହେବା ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ହୋଇଥିଲା। ଏଥିରେ ଚମ୍ପୁଆ ଅଞ୍ଚଳରେ ବହୁ ପନିପରିବା ଫସଲ ନଷ୍ଟ ହୋଇଛି। ଏହି ବ୍ଲକ ଅଧିକ ଭଣ୍ଡା ଅଞ୍ଚଳରେ ଅଧିକ କୁଆପଥର ବର୍ଷା ହେବାରୁ ପ୍ରାୟ ୮ ଏକରରୁ ଊର୍ଦ୍ଧ୍ୱ ଜମିରେ ପରିବା କ୍ଷତିଗ୍ରସ୍ତ ହୋଇଛି। ଚାଷୀ ଅଗୁନୁ ଚରଣ ମହାନ୍ତ, ଜଗଦୀଶ ମହାନ୍ତ, ନରୋତ୍ତମ ମହାନ୍ତ, ମାୟାଧର ନାଏକ ପ୍ରମୁଖ ଚାଷୀଙ୍କ ପିଆଜ, ରସୁଣ, ବିନ୍, ବାଇଗଣ, ବିଲାତି, କାକୁଡି, ଭେଣ୍ଡି, ଫୁଲକୋବି, ବନ୍ଧାକୋବି, ମକା ଆଦିଫସଲ କୁଆପଥର ମାଡରେ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ଗରିବ ଚାଷୀ ଧାର କରଜ କରି ପରିବା ଚାଷ କରିଥିବା ବେଳେ ବର୍ତ୍ତମାନ କୁଆପଥର ମାଡରେ ଫସଲ ଉଜୁଡିଯିବାରୁ ହତାଶ ହୋଇପଡିଛନ୍ତି। ଭଣ୍ଡା ଅଞ୍ଚଳ ବ୍ୟତୀତ ସୁଭଦ୍ରାଦେଈପୁର ଓ ଉଚ୍ଚବାଲି ଆଦି ଅଞ୍ଚଳରେ ମଧ କୁଆପଥର ମାଡ଼ ଜନିତ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗଛାୟତଙ୍କୁ ପଚାରିବାରୁ କହିଛନ୍ତି, କ୍ଷତିଗ୍ରସ୍ତ ଚାଷୀ କୃଷି ବୀମା କରିଥିଲେ ବୀମା ସହାୟତା ପାଇପାରିବେ। ଚାଷୀମାନେ ଅଦିନିଆ ବର୍ଷାଜନିତ କ୍ଷତି ସମ୍ପର୍କରେ ଉଦ୍ୟାନ କୃଷି ବିଭାଗକୁ ସୂଚନା ଦେବା ଦରକାର ।

■ ଶିକ୍ଷକଙ୍କ ମାଡ଼ରେ ୭ ଛାତ୍ରୀଛାତ୍ର ଆହତ

# ଘଟଣା ଚପାଇ ଦେବାକୁ ଉଦ୍ୟମ

**ପାଟଣା,୧୬।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ତେଣ୍ଡେରା ପଞ୍ଚାୟତର ଏକ ପ୍ରାଥମିକ ବିଦ୍ୟାଳୟର ୭ ଛାତ୍ରୀଛାତ୍ରଙ୍କୁ ଉକ୍ତ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ମାଡ ମାରିବାରୁ ସେମାନେ ଆହତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ପିଠିରେ ନୋଳା ପଡିଯାଇଥିବାରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ଏହି ଘଟଣାକୁ ଗଣଶିକ୍ଷା ବିଭାଗର ସ୍ଥାନୀୟ ପ୍ରଶାସନ ହାଲ୍କା ଭାବେ ନେଇ ଚପାଇଦେବାକୁ ଉଦ୍ୟମ କରୁଥିବାରୁ ଏହା ଚର୍ଚ୍ଚାକୁ ଆସିଛି।

ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ଗତ ମଙ୍ଗଳବାର ମଧ୍ୟାହ୍ନଭୋଜନ ପରେ ଛାତ୍ରୀଛାତ୍ର ଶ୍ରେଣୀକକ୍ଷରେ ବସି ପାଠ ପଢୁଥିବା ସମୟରେ ଶିକ୍ଷକ ଜଣକ କୌଣସି କାରଣ ନ ଥାଇ ଏକ ବାଡ଼ିରେ ତୃତୀୟ ଓ ଚତୁର୍ଥ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାଡ ମାରିଥିଲେ। ଏ ନେଇ ଅଭିଭାବକ ଓ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାହାରପଡା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତ ଶିକ୍ଷକ ଜଣକ ନିଜ ସମ୍ପର୍କୀୟଙ୍କ ହାତରେ ଛୁଟି ଦରଖାସ୍ତ ପଠାଇ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସାହାରପଡା ଅତିରିକ୍ତ ଶିକ୍ଷା ଅଧିକାରୀ କ୍ଷେତ୍ରବାସୀ ମହାନ୍ତ ଘଟଣାର ତଦନ୍ତ କରିଥିଲେ ମଧ ଶନିବାର ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିନେଇ ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ନିର୍ବାଚନ ଆଚରଣବିଧି ଲାଗୁହୋଇ ସାରିଥିବାରୁ ଉପଜିଲାପାଳଙ୍କଠାରୁ ଅନୁମତି ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହାରପଡା ବିଇଓଙ୍କୁ ଶନିବାର ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଏହି ଘଟଣା ନେଇ ଚାଇଲଡ୍ ଲାଇନ କିମ୍ବା ପୋଲିସ ପକ୍ଷରୁ ନିଜ ଆଡୁ ମଧ ମାମଲା ରୁଜୁ ହୋଇନାହିଁ।

## ହରିଶ୍ଚନ୍ଦ୍ର ଯୋଜନା ବାଟବଣା

**ରାଇସୁଆଁ,୧୬।୩(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା ହୋଇପଡ଼ିଛି। ସରକାରୀ ନିୟମ ଅନୁସାରେ ଗରିବ ଲୋକଙ୍କୁ ଶବଦାହ ପାଇଁ ତୁରନ୍ତ ୨୦୦୦ହଜାର ଟଙ୍କା ସହାୟତା ମିଳିବା କଥା। କିନ୍ତୁ ଏହି ସହାୟତା ସେମାନଙ୍କୁ ମିଳୁ ନାହିଁ । ହିତାଧିକାରୀଙ୍କ ମୃତ୍ୟୁର ବର୍ଷ ବର୍ଷ ବିତି ଯାଉଥିଲେ ବି ସହାୟତା ମିଳୁ ନ ଥିବାର ନଜିର ଏବେ ପଦାକୁ ଆସିଛି। କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ମୃତକଙ୍କ ପରିବାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇବାକୁ ଆବେଦନ କରି ୩ ବର୍ଷ ହେଲା ଅପେକ୍ଷା କରି ରହିଛନ୍ତି। ସେମାନଙ୍କୁ ଏଯାଏ ଶବଦାହ ଅର୍ଥ ମିଳି ନାହିଁ। ଜିଲାର ଏଭଳି ଅନେକ ପଞ୍ଚାୟତରେ ମୃତକଙ୍କ ପରିବାର ହରିଶ୍ଚନ୍ଦ୍ର ଯୋଜନାରୁ ସୁଫଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

## ନଦୀପଠାରେ ଚୋରା ମଦ ଭାଟି ଠାବ



ଗିରଫ ୨ ଅଭିଯୁକ୍ତ(ବାମ) । କାରୋ ନଦୀ ପଠାରେ ଠାବ ହୋଇଥିବା ମହୁଲି ମଦ ଭାଟି।

**ବଡବିଲ, ୧୬।୩(ସ୍ୱ.ପ୍ର.)**

■ ୧ ହଜାର ଲିଟର ମହୁଲିମଦ ନଷ୍ଟ କଲା ପୋଲିସ
■ ଚୋରା ଚାଲାଣ ବେଳେ ମହୁଲି ମଦ ଭର୍ତ୍ତି ଟ୍ୟୁବ୍ ଜବତ, ୨ ଗିରଫ

କେନ୍ଦୁଝର ଜିଲା ବଡବିଲ ପୋଲିସ ଶନିବାର ସହର ତଳି ଅଞ୍ଚଳରୁ ଦୁଇ ଚୋରା ମହୁଲିମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି ଟ୍ୟୁବରେ ଭର୍ତ୍ତି ୪୦ ଲିଟର ମହୁଲି ମଦ ଜବତ କରିଛି। ଏଥିସହ ଏକ ବାଇକ ଜବତ ହୋଇଛି। ସାନ୍ତବାହାଳ ନିକଟସ୍ଥ କାରୋ ନଦୀପଠାରେ ବେଆଇନ ଭାବେ ଚାଲିଥିବା ଏକ ଚୋରା ମହୁଲିମଦକୁ ପୋଲିସ ଭାଟି ଠାବ କରି ସେଠାରେ ୧ହଜାର ଲିଟର ମହୁଲିମଦ ନଷ୍ଟ କରି ଦେଇଛି। ମହୁଲି ମଦ ଭାଟି ଚଡାଉ ବେଳେ ସେଠଶରୁ କେହି ଧରାପଡି ନ ଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ ସହର ତଳି ଅଞ୍ଚଳ ସାନ୍ତବାହାଳ-ଉଲିବୁରୁ ରାସ୍ତାରେ ପାଟ୍ରୋଲିଂ ଚାଲିଥିଲାବେଳେ ଦୁଇଜଣ ଚୋରା ମହୁଲି ମଦ ବେପାରୀ ବାଇକ ଯୋଗେ ବଡବିଲ ଅଭିମୁଖେ ଆସୁଥିବା ଖବର ମିଳିଥିଲା। ଏହାପରେ ପୋଲିସ ଉଲୁବୁରୁ ନିକଟରେ ସନ୍ଦେହରେ ଏହି ଦୁଇ ବାଇକ ଆରୋହୀଙ୍କୁ ଅଟକାଇଥିଲେ। ପୋଲିସ ସେମାନଙ୍କ ନିକଟରୁ ୨ଟି ଟ୍ୟୁବ୍‌ରେ ଭର୍ତ୍ତି ମହୁଲି ମଦ ଓ ବାଇକ ଜବତ କରିଥିଲେ। ଏହି ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡବିଲ ତିରିଙ୍ଗା ହଟିଂ ଏବଂ ସେଟିଂ ହଟିଂ ଅଞ୍ଚଳରେ ରହୁଥିବା ଗୋପାଲ ଗୋପ ଏବଂ ସାଧୁସିଂ ହଟିଂ ଅଞ୍ଚଳରେ ରହୁଥିବା ଶାମୁ ପାତ୍ର ଓରଫ ଶ୍ୟାମୁ ଓରଫ ହଗୁରୁ। ଏହାପରେ ପୋଲିସ ସାନ୍ତବାହାଳ ନିକଟସ୍ଥ କାରୋ ନଦୀପଠାରେ ବେଆଇନ ଭାବେ ତିଆରି ହେଉଥିବା ଚୋରା ମହୁଲିମଦ ଭାଟି ଠାବ କରି ପ୍ରାୟ ୧ ହଜାର ଲିଟର ମହୁଲି ମଦ ସହ ପୋଚକୁ ନଷ୍ଟ କରିଦେଇଥିଲା। ମଦ ଚାଲାଣ ବେଳେ ଧରାପଡିଥିବା ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ବଲାଣୀ ଥାନା ଟାଟିବା ଅଞ୍ଚଳର ଜଣେ ବେପାରୀଙ୍କ ନିକଟରୁ ସେମାନେ ଚୋରା ମହୁଲି ମଦ କ୍ରୟକରି ଠାକୁରାଣୀ ଅଞ୍ଚଳକୁ ଯୋଗାଇବାକୁ ଯାଉଥିଲେ ବୋଲି ଜେରା ବେଳେ ପୋଲସକୁ ସୂଚନା ଦେଇଛନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବଡବିଲ ଥାନାଧିକାରୀ ସୁଶାନ୍ତ ଦାଶ କହିଛନ୍ତି।

# ଭାରସାମ୍ୟ ହରାଇ ଡ୍ରେନରେ ପଶିଲା ବସ୍

### ହେଲ୍‌ପର ଗୁରୁତର, ୨୦ ଯାତ୍ରୀ ଅଳ୍ପକେ ବର୍ତ୍ତିଲେ

**ଚମ୍ପୁଆ, ୧୬।୩ (ଡି.ଏନ.ଏ.)**

କେନ୍ଦୁଝରରୁ ଚମ୍ପୁଆ ଆସୁଥିବା କେନ୍ଦୁଝର କୁଇନ୍ ନାମକ ଯାତ୍ରୀବାହୀ ବସ୍ ଶନିବାର ରାମଲାଠାରେ ହଠାତ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥ କଡ ଡ୍ରେନ ମଧ୍ୟକୁ ପଶିଯାଇଥିଲା। ଏଥିରେ ଗାଡିର ହେଲପର ଗୁରୁତର ଆହତ ହୋଇଛନ୍ତି। ବସ୍‌ରେ ଥିବା ୨୦ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି। ସେମାନଙ୍କର କୌଣସି କ୍ଷତି ହୋଇ ନ ଥିବା ଚମ୍ପୁଆ ଆଇଆଇସି ଏମ. ପ୍ରଧାନ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ ମିଷ୍ଟି କମ୍ପାନୀର କେନ୍ଦୁଝର କୁଇନ ବସ୍ (ନଂ.ଓଡି ୦୯ ୫୧୫୪) କେନ୍ଦୁଝରରୁ ଚମ୍ପୁଆ ଆସୁଥିଲା। ବସଟି ଦ୍ରୁତଗତିରେ ଆସୁଥିବା ସମୟରେ ରାମଲା ମହିଳା ମହାବିଦ୍ୟାଳୟ ଛକ ନିକଟରେ ହଠାତ୍ ଭାରସାମ୍ୟ ହରାଇ ଡ୍ରେନ ମଧ୍ୟକୁ ଖସିଯାଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ପ୍ରଶାସନର ସହଯୋଗରେ ବସ୍‌ର ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଥିବା ବସ୍ ହେଲପରଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।



ଦୁର୍ଘଟଣାଗ୍ରସ୍ତ ହୋଇଥିବା ଯାତ୍ରୀବାହୀ ବସ୍ ।

## ଭିନ୍ନକ୍ଷମ ଯୁବତୀଙ୍କୁ ଭତ୍ତା ପ୍ରଦାନରେ ଅନିୟମିତତା

**ହାଟଡିହୀ, ୧୬।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପନ୍ଦାଡୋ ପଞ୍ଚାୟତ ସରଳପଶି ଗ୍ରାମର ଜଗନ୍ନାଥ ବେହେରାଙ୍କ ଝିଅ ବର୍ଷାରାଣୀ ଜଣେ ଭିନ୍ନକ୍ଷମ ଯୁବତୀ । ସରକାରୀ ଯୋଜନା ଅନୁଯାୟୀ ଭତ୍ତା ପାଇବା ନିମନ୍ତେ ସେ ବ୍ଲକ କାର୍ଯ୍ୟାଳୟକୁ ଆବେଦନ କରିଥିଲେ। ତଦନୁଯାୟୀ ଗତ ୨୦୧୮ ସେପ୍ଟେମ୍ବରରେ ତାଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମୋଦନ ମିଳିଥିଲା। ହେଲେ ଏଯାବତ ତାଙ୍କୁ ଭତ୍ତା ପ୍ରଦାନ କରାଯାଇ ନାହିଁ। ଅଥଚ ପ୍ରତିମାସ ତାଙ୍କ ନାମରେ ଭତ୍ତା ଉଠାଣ ହେଉଥିବା କୁହାଯାଉ ଥିବାରୁ ସମ୍ପୃକ୍ତ ହତାଧିକାରୀ ଚିନ୍ତା ପ୍ରକଟ କରିଛନ୍ତି। ଏହି ଭତ୍ତା ହେରଫେର ହୋଇଥିବା ସନ୍ଦେହ କରି ସେ ଏହାର ତଦନ୍ତ ଦାବି କରିଛନ୍ତି। ଏପରି ପ୍ରସଙ୍ଗକୁ ନେଇ ଜଣେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଘଟଣା ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା, ଥାନାରେ ମାମଲା

**ବଡବିଲ, ୧୬।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲଥାନା ଅନ୍ତର୍ଗତ ଭଦ୍ରାସାହିରେ ରହୁଥିବା ପାନ ଦୋକାନୀ ସୁବାସ ଚନ୍ଦ୍ର ନାଏକଙ୍କ ପତ୍ନୀ ପ୍ରତିଭା ନାଏକ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ଘରେ କେହି ନ ଥିବାବେଳେ ସେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ । ରବିବାର ପୂର୍ବାହ୍ନରେ ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ବଡବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ତେଲକୋଇରେ କଳାକାରଙ୍କ ମହୋତ୍ସବ

**ତେଲକୋଇ,୧୬।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ କମଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ କଳାକାରଙ୍କ ପାଲା ଓ ସଙ୍କୀର୍ତ୍ତନ ମଣ୍ଡଳିଙ୍କର ଏକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଏଥିରେ ୧୫ଟି ପାଲା ଦଳ ଏବଂ ୨୫ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ । ସେହିପରି ୪ ମହିଳା ସଂକୀର୍ତ୍ତନ ମଣ୍ଡଳି ମଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପଦେଷ୍ଟା ସଂକୀର୍ତ୍ତନ ମଣ୍ଡଳିର ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ମିତ୍ରଭାନୁ ନାଏକ।



ତେଲକୋଇ ଅଞ୍ଚଳର କଳାକାରଙ୍କ ମହୋତ୍ସବ ।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା

**ଯୋଡ଼ା, ୧୬।୩(ଡି.ଏନ.ଏ.)**

ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ଓ ଅଣ୍ଡା ବଣ୍ଟନରେ ଅନିୟମିତତା, କମ୍ ପରିମାଣ ଏବଂ ନିମ୍ନମାନର ଖାଦ୍ୟ ଯୋଗାଣ ହେବା ଭଳି ବିଭିନ୍ନ ଅଭିଯୋଗ ହେଉଥିଲେ ମଧ ଏହାର ପ୍ରତିକାର ହେଉ ନାହିଁ । କେନ୍ଦୁଝର ଜିଲାର ଯୋଡ଼ା ପୌରପାଳିକା ଅଧୀନ ୧୧ନଂ. ୱାର୍ଡ କମାରଯୋଡା ମୂର୍ତ୍ତେଜା ହଟିଂଠାରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ସାଙ୍ଗକୁ ଟଙ୍କା ଆଦାୟ ଅଭିଯୋଗ ହୋଇଛି। ସ୍ଥାନୀୟ ମହିଳା ଶକୁନ୍ତଳା ମୁଣ୍ଡା, ପ୍ରବାସୀ ପାତ୍ର, ଜ୍ୟୋତି ମୁଣ୍ଡା, ବମି ଚାତାର ଓ ଲିଲି ପାତ୍ର ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସପ୍ତାହର ବୁଧବାର, ଶୁକ୍ରବାର ଓ ଶନିବାର ସିଝା ଅଣ୍ଡା ଦିଆଯିବାର ନିୟମ ରହିଛି। କିନ୍ତୁ ଏଠାରେ ସେହି ନିୟମ ପାଳନ କରାଯାଉ ନାହିଁ । ମାସିକ ୧୨ଟି ପରିବର୍ତ୍ତେ କେତେକ ମହିଳାଙ୍କୁ ୮ରୁ ୧୦ଟି ଲେଖାଏ ସିଝା ଅଣ୍ଡା ଦିଆଯାଉଛି। ବିଭିନ୍ନ ଆଳରେ ହିତାଧିକାରୀଙ୍କଠାରୁ ୧୦ଟଙ୍କା ଲେଖାଏଁ ଆଦାୟ କରାଯାଉଛି। କେହି ଟଙ୍କା ନ ଦେଲେ ସେମାନଙ୍କୁ ଅଣ୍ଡା ଦିଆଯାଉନାହିଁ । ଛତୁଆ ପ୍ରଦାନ ବେଳେ ମହିଳାମାନଙ୍କଠାରୁ ମଧ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ର ପାଣ୍ଠି ଲାଗି ଏହି ଟଙ୍କା ଆଦାୟ ହେଉଥିବା ଉକ୍ତ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ରର ସୁପରଭାଇଜର ମଣିବାଳା ନାଏକଙ୍କୁ ପଚାରିବାରୁ କହିଛନ୍ତି, ପୂର୍ବେ ଗର୍ଭବତୀ ଓ ମା'ମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ପାଇଁ କେତେକ ସ୍ଥାନରେ ୨ ଟଙ୍କା ଲେଖାଏ ଆଦାୟ କରାଯାଉଥିଲା। କିନ୍ତୁ ସେହି ଟଙ୍କା ସମ୍ପୃକ୍ତ ମା'ମାନଙ୍କ ପାଖରେ ରହୁଥିଲା। ବର୍ତ୍ତମାନ ଏହି ଟଙ୍କା ଆଦାୟ ବିଭିନ୍ନ ସ୍ଥାନରେ ବନ୍ଦ କରାଯାଇଛି। ତେବେ ଟଙ୍କା ଆଦାୟ କରି କେନ୍ଦ୍ର ପାଣ୍ଠିରେ ରଖିବାର କୌଣସି ନିୟମ ନାହିଁ। ସେ ଉକ୍ତ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।




ଯୋଡା ଅଙ୍ଗନୱାଡି କେନ୍ଦ୍ର।